
ବର୍ଷ-୨୬, ସଂଖ୍ୟା-୧୫୦
ଭୁବନେଶ୍ୱର
୦୩, ଜୁନ ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 150
Bhubaneswar
03, June, 2026 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଏକାଧିକ ପୁରସ୍କାର ଜିଣିଲେ ବୈଭବ


# ବୈଷୟିକ ଶିକ୍ଷାରେ ଏସ୍‌ସି/ଏସ୍‌ଟି, ଏସ୍‌ଇବିସିଙ୍କୁ ସଂରକ୍ଷଣ

ଭୁବନେଶ୍ୱର,୨।୬(ମହାଭାରତ): ଚଳିତ ୨୦୨୬-୨୭ ଶିକ୍ଷା ବର୍ଷରୁ ଇଞ୍ଜିନିୟରିଂ ଓ ମେଡିକାଲ୍ ଆଦି ବୈଷୟିକ ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ବୃଦ୍ଧି ସମ୍ପର୍କିତ ନିଷ୍ପତ୍ତି କାର୍ଯ୍ୟକାରୀ ହେବ। ଆଜି ଏ ସମ୍ପର୍କରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ବିଧିବଦ୍ଧ ମେମୋରାଣ୍ଡମ୍ ବା ସ୍ମାରକ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ୍ ୪ ତାରିଖରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ଏବଂ କ୍ୟାବିନେଟ୍‌ର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହାର ତୁରନ୍ତ କାର୍ଯ୍ୟାନ୍ୱୟନ ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ନ୍ୟାୟ ପ୍ରଦାନ ପାଇଁ ପୂର୍ବରୁ ଅନେକ ଉଦ୍ୟମ ଓ ସଂଘର୍ଷ ହୋଇଥିଲେ ମଧ ଏହା ସଫଳ ହୋଇନଥିଲା। ନୂଆ ସରକାର ଆସିବା ପରେ ମାତ୍ର ୨ ବର୍ଷ ଭିତରେ ସରକାର ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାରେ ସଫଳ ହୋଇଛନ୍ତି।ସୂଚନାଯୋଗ୍ୟ

- ବିଭାଗ ପକ୍ଷରୁ ପ୍ରକାଶ ପାଇଲା ମେମୋରାଣ୍ଡମ୍,
- ୨୦୨୬-୨୭ ଶିକ୍ଷା ବର୍ଷରୁ କାର୍ଯ୍ୟକାରୀ ହେବ
- ନୂଆ ସରକାର ଆସିବା ପରେ, ସ୍ୱାଧୀନତାର ୭୯ ବର୍ଷ ପରେ ପଛୁଆ ବର୍ଗଙ୍କୁ ମିଳିଲା ନ୍ୟାୟ




ଯେ, ଓଡିଶାରେ ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ୨୨.୮୫ ପ୍ରତିଶତ, ଅନୁସୂଚିତ ଜାତିଙ୍କ ସଂଖ୍ୟା ୧୭.୧୩ ପ୍ରତିଶତ। ଶିକ୍ଷାଗତ ଓ ସାମାଜିକ ପଛୁଆ ବର୍ଗଙ୍କ ସଂଖ୍ୟା ଜଣାନଥିଲେ ମଧ ଏହା ଯଥେଷ୍ଟ ଅଧିକ।

ସୂଚନାଯୋଗ୍ୟ, ନିଯୁକ୍ତି ଏବଂ ଈଇ, ଈଉବ୍ଲ୍ୟୁ, ଈଝମ ଭଳି ସାଧାରଣ ଉଚ୍ଚଶିକ୍ଷାରେ ଏହି ସବୁ ବର୍ଗର ପିଲାମାନଙ୍କ ପାଇଁ ସମାନୁପାତିକ ସଂରକ୍ଷଣ ରହିଛି। ଏଥିରେ ଅନୁସୂଚିତ ଜନଜାତିଙ୍କ ପାଇଁ ୨୨.୫୦ ପ୍ରତିଶତ, ଅନୁସୂଚିତ ଜାତି ପିଲାଙ୍କ ପାଇଁ ୧୬.୨୫ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ ୧୧.୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ତେବେ, ଇଞ୍ଜିନିୟରିଂ ଓ ମେଡିକାଲ ପରି ବୈଷୟିକ ଶିକ୍ଷାରେ ଅନୁସୂଚିତ ଜନଜାତିଙ୍କ ପାଇଁ ମାତ୍ର ୧୨ ପ୍ରତିଶତ, ଅନୁସୂଚିତ ଜାତି ପିଲାଙ୍କ ପାଇଁ ୮ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ କୌଣସି ସଂରକ୍ଷଣ ବ୍ୟବସ୍ଥା ନଥିଲା।

ଯଦି ଶିକ୍ଷାରେ ସଂରକ୍ଷଣ ବ୍ୟବସ୍ଥା ନରହୁଛି, ବା କମ୍ ରହୁଛି, ତେବେ ନିଯୁକ୍ତି କ୍ଷେତ୍ରରେ ସେମାନେ କିପରି ତାଙ୍କର ସଂରକ୍ଷଣ ଅନୁପାତିକ ନିଯୁକ୍ତି ପାଇପାରିବେ ବୋଲି ପ୍ରଶ୍ନ ଉଠୁଥିଲା। ରାଜ୍ୟ କ୍ୟାବିନେଟର ଏହି ନିଷ୍ପତ୍ତି ପରେ ଦୀର୍ଘ ବର୍ଷ ପରେ, ରାଜ୍ୟରେ ନୂଆ ସରକାର ଗଠନ ହେବା ପରେ, ଏହି ବର୍ଗର ପିଲାମାନଙ୍କୁ ନ୍ୟାୟ ମିଳି ପାରିଛି।

ଏହି ନିଷ୍ପତ୍ତି ଦ୍ୱାରା ବର୍ତ୍ତମାନ ଅନୁସୂଚିତ ଜନଜାତି ବର୍ଗ ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ହାର ୧୨ ପ୍ରତିଶତରୁ ୨୨.୫ ପ୍ରତିଶତକୁ ଏବଂ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ୮ ପ୍ରତିଶତରୁ ୧୬.୨୫ ପ୍ରତିଶତକୁ ବୃଦ୍ଧି ପାଇଛି। ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ ପୂର୍ବରୁ କୌଣସି ସଂରକ୍ଷଣ ନଥିବା ବେଳେ, ବର୍ତ୍ତମାନ ଏହା ୧୧.୨୫ ପ୍ରତିଶତ ହୋଇଛି।

ଏହାଦ୍ୱାରା ଏହି ସବୁ ବର୍ଗର ଛାତ୍ରଛାତ୍ରୀମାନେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସେମାନଙ୍କର ଅନୁବନ୍ଧିତ କଲେଜ ଓ ଶିକ୍ଷାନୁଷ୍ଠାନ, ଆଇ.ଟି.ଆଇ ଏବଂ ପଲିଟେକ୍‌ନିକ୍ ଗୁଡିକରେ ପ୍ରଦାନ କରାଯାଉଥିବା ଇଞ୍ଜିନିଅରିଂ, ଟେକ୍ନୋଲୋଜି, ମ୍ୟାନେଜ୍‌ମେଣ୍ଟ, କମ୍ପ୍ୟୁଟର ଆପ୍ଲିକେସନ୍, ମେଡିସିନ୍, ସର୍ଜରୀ, ଡେଣ୍ଟାଲ, ନର୍ସିଂ, ଫାର୍ମାସି, ଆନୁସଙ୍ଗିକ ସ୍ୱାସ୍ଥ୍ୟ ବିଜ୍ଞାନ, ପ୍ରାଣିଚିକିତ୍ସା ବିଜ୍ଞାନ, ଆୟୁର୍ବେଦ, ହୋମିଓପ୍ୟାଥି, ଏଗ୍ରିକଲ୍‌ଚର ଆଣ୍ଡ ଆଲାଏଡ୍ ସାଇନ୍‌ସେସ୍, ଆର୍କିଟେକ୍‌ଚର୍, ପ୍ଲାନିଙ୍ଗ୍, ସିନେମାଟିକ ଆର୍ଟ ଆଣ୍ଡ ଟେକ୍ନୋଲୋଜି ଆଦି ଶିକ୍ଷାନୁଷ୍ଠାନରେ କାର୍ଯ୍ୟକାରୀ ହେବ ।

## ଗୁଜରାଟରେ ଦୁଇ ସରକାରୀ ବସ୍ ମଧ୍ୟରେ ଧକ୍କା ୬ ଯାତ୍ରୀ ଜୀବନ୍ତ ଦଗ୍ଧ, ୨୦ ଗୁରୁତର

ସୁରଟ ୨।୬(ମହାଭାରତ):: ଗୁଜରାଟର ସୁରଟ ଜିଲ୍ଲା ବାର୍ଡୋଲି ଅଞ୍ଚଳରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ମହାରାଷ୍ଟ୍ର ରାଜ୍ୟ ପରିବହନ ନିଗମର ଦୁଇଟି ସରକାରୀ ବସ୍ ମଧ୍ୟରେ ଭୟଙ୍କର ଧକ୍କା ହେବାପରେ ଗୋଟିଏ ବସ୍ ଜଳିଯାଇଛି। ବାର୍ଡୋଲିର ଉଭା ଗାଁ ନିକଟରେ ଅପରାହ୍ନ ୪ଟା ପରେ ଏହି ଦୁର୍ଘଟଣା



ଘଟିଥିବା ସୂଚନା ମିଳିଛି। ସୁରଟ ପୁଲିସର ସୂଚନା ଅନୁଯାୟୀ, ବସ୍‌ରେ ନିଆଁ ଲାଗିଯିବା ଯୋଗୁଁ ଅତିକମରେ ୬ ଜଣ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି।ଏହା ସହିତ ୨୦ରୁ ଅଧିକ ଯାତ୍ରୀ ଗମ୍ଭୀର ଭାବେ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ହୃଦୟବିଦାରକ ପରିବେଶ ସୃଷ୍ଟି ହୋଇଥିଲା। ସ୍ଥାନୀୟ ବାସିନ୍ଦା, ପୁଲିସ ଏବଂ ଅଗ୍ନିଶମ ବାହିନୀ ତୁରନ୍ତମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରି ବସ୍ ଭିତରେ ଫସି ରହିଥିବା ଯାତ୍ରୀମାନଙ୍କୁ ବାହାର କରିଥିଲେ। ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ଯେଉଁମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଦୁର୍ଘଟଣାର ଶିକାର ହୋଇଥିବା ଅଧିକାଂଶ ଯାତ୍ରୀ ମହାରାଷ୍ଟ୍ରର ବାସିନ୍ଦା ବୋଲି ଜଣାପଡ଼ିଛି।

# ବଦଳିଲେ ସିବିଏସ୍‌ଇ ଅଧକ୍ଷ ଓ ସଚିବ

ନୂଆଦିଲ୍ଲୀ,୨।୬(ମହାଭାରତ): ସିବିଏସ୍‌ଇ ପୁନଃ ମୂଲ୍ୟାଙ୍କନ ବିବାଦରେ କେନ୍ଦ୍ର ସରକାର ନେଇଛନ୍ତି ବଡ କାର୍ଯ୍ୟାନୁଷ୍ଠାନ। ବିବାଦ ଦିନକୁ ଦିନ ବୃଦ୍ଧିବାରୁ ଆଜି ସରକାର ସିବିଏସ୍‌ଇ ଅଧକ୍ଷ ଓ ସଚିବଙ୍କ ବଦଳି କରି ଦେଇଛନ୍ତି। ସିବିଏସ୍‌ଇର ଡିଜିଟାଲ ମୂଲ୍ୟାଙ୍କନ ବ୍ୟବସ୍ଥାରୁ ନେଇ ବିବାଦ ଲାଗି ରହିଥିବା ବେଳେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସିବିଏସ୍‌ଇ ଅଧକ୍ଷ ଆଇଏଏସ ରାହୁଲ ସିଂହ ବୋର୍ଡର ସମସ୍ତ କାର୍ଯ୍ୟ ଓ ପରୀକ୍ଷା ସଂସ୍କାର କଥା ବୁଝୁଥିଲେ। ଶିକ୍ଷା ମନ୍ତ୍ରଣାଳୟ ସହ ସେ ସମନ୍ୱୟ ରକ୍ଷା କରୁଥିଲେ।

ସେହିପରି ସଚିବ ଭାବେ କାର୍ଯ୍ୟ କରୁଥିବା ଆଇଏଏସ୍ ହିମାଂଶୁ ଗୁପ୍ତା ପ୍ରଶାସନିକ, ଅର୍ଥ ଓ ଏହା ସହ ଜଡିତ କାର୍ଯ୍ୟର ଦେଖାଶୁଣା କରୁଥିଲେ। ଏବେ ପ୍ରଥମ ପର୍ଯ୍ୟାୟରେ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଏହାବାଦ ଅନ ସ୍କ୍ରିନ ମାର୍କିଂ (ଓଏସ୍‌ଏମ) ବ୍ୟବସ୍ଥା କେଉଁ ପରିସ୍ଥିତିରେ ଗ୍ରହଣ କରାଯାଇଥିଲା, ତା'ର ତଦନ୍ତ ପାଇଁ ମଧ ନିର୍ଦ୍ଦେଶ ଦେଇଛନ୍ତି ସରକାର। ଓଏସଏମ ତଦନ୍ତ ପାଇଁ ଜଣିକିଆ କମିଟି ଗଠନ କରାଯାଇଛି। କାପାସିଟି ବିଲ୍ଡିଂ କମିଶନ ଅଧକ୍ଷ ଏସ୍ ରାଧା ଚୌହାନଙ୍କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି ସରକାର। ଜଣିକିଆ କମିଟି ଗୋଟିଏ ମାସେ ଭିତରେ ତଦନ୍ତ ରିପୋର୍ଟ ଦେବ। କମିଟିର ରିପୋର୍ଟ ଦେବା ପରେ ସରକାର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।




## ତଦନ୍ତ ନିର୍ଦ୍ଦେଶ

କମିଟିର କାର୍ଯ୍ୟ ପରିସୀମା ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରକାଶ ପାଇ ନାହିଁ। କିନ୍ତୁ ଓଏସ୍‌ଏମ ପାଇଁ ଚୁକ୍ତି କେମିତି ଦିଆ ଯାଇଥିଲା ସମସ୍ତ ନିୟମାବଳୀ ଓ ପ୍ରକ୍ରିୟା ଠିକ ଭାବେ ଅନୁପାଳନ କରାଯାଇଥିଲା କି ନାହିଁ, ତା'ର ଯାଞ୍ଚ କମିଟି କରିବ ବୋଲି ଜଣାପଡିଛି।

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀର ଫଳାଫଳ ପ୍ରକାଶ ପାଇବା ପରେ ଶିକ୍ଷାର୍ଥୀମାନଙ୍କ ପାଇଁ ସ୍କାନ୍ କରାଯାଇଥିବା ଉତ୍ତରଖାତା ଦେଖିବାର ସୁବିଧା ଉପଲବ୍ଧ କରାଯାଇଥିଲା। କିନ୍ତୁ ଏହି ସ୍କାନ ଉତ୍ତର ଖାତା ଦେଖିବା ସମୟରେ ଶିକ୍ଷାର୍ଥୀମାନେ ବିଭିନ୍ନ ସମସ୍ୟାର ସାମ୍ନା କରୁଥିବା ଅଭିଯୋଗ କରିଥିଲେ। ଅନେକ ପରୀକ୍ଷାର୍ଥୀ କହିଥିଲେ ଯେ ସେମାନଙ୍କୁ ସ୍ପଷ୍ଟ ଦୃଶ୍ୟମାନ ହେଉ ନଥିବା ପୃଷ୍ଠା ସହ ସଂପୂର୍ଣ୍ଣ ଉତ୍ତର ଖାତା ମିଳୁନାହିଁ। ସେହିପରି ବୋର୍ଡର ଅନଲାଇନ୍ ସେବା ମଧ ଠିକ ଭାବେ ଉପଲବ୍ଧ ହେଉନାହିଁ।

ଏହାପରେ ଓଏସଏମ୍ ପ୍ଲାଟଫର୍ମ ଓ ଡିଜିଟାଲ ମୂଲ୍ୟାଙ୍କନ ଚୁକ୍ତି ପ୍ରଦାନ ପାଇଁ ହୋଇଥିବା ଟେଣ୍ଡର ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠିଛି। ବିକ୍ରେତା ଚୟନ ପ୍ରକ୍ରିୟା, ସାଇବର ସୁରକ୍ଷା ସମସ୍ୟା ଓ ପୁନଃ ମୂଲ୍ୟାଙ୍କନ ସେବାରେ ବିଳମ୍ବକୁ ନେଇ ମଧ ବିବାଦ ଦେଖାଯାଇଛି।

ସିବିଏସ୍‌ଇର ମୂଲ୍ୟାଙ୍କନ ଓ ରେଜଲ୍ଟ ପରେ ନିଆଯାଇଥିବା ପଦକ୍ଷେପ ଉପରେ ଗୋଟିଏ ସପ୍ତାହ ଧରି ବିବାଦ ଲାଗି ରହିଥିଲା। ଏହାକୁ ନେଇ ପୂରା ଦେଶର ଶିକ୍ଷାର୍ଥୀ, ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି ହୋଇଥିଲା। ଏଥିପାଇଁ ସରକାର ଏପରି ପଦକ୍ଷେପ ନେଇଛନ୍ତି।

## ଇବୋଲା ଆତଙ୍କ ମଧ୍ୟରେ ସଦ୍ୟ ନିର୍ଦ୍ଦେଶାବଳି ଜାରି କଲେ ସରକାର

ନୂଆଦିଲ୍ଲୀ ୨।୬(ମହାଭାରତ):: ଇବୋଲା ଭାଇରସ୍‌କୁ ନେଇ ସାରା ବିଶ୍ୱରେ ଆତଙ୍କ ଦେଖାଦେଇଥିବାବେଳେ ସରକାର ଏହି ଭାଇରସ୍‌କୁ ନେଇ ପୁଣି ଏକ ସଦ୍ୟ ନିର୍ଦ୍ଦେଶାବଳି ଜାରି କରିଛନ୍ତି। ଏକ ବିସ୍ତୃତ ବିବୃତିରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ ସ୍ପଷ୍ଟ କରିଛି ଯେ ଦେଶରେ ଏଯାବତ ଇବୋଲା ମାମଲା ଚିହ୍ନଟ ହୋଇନାହିଁ । ତେବେ ଯେଉଁମାନେ ଇବୋଲା ପ୍ରଭାବିତ ରାଷ୍ଟ୍ରକୁ ଗସ୍ତ କରିଛନ୍ତି ଏବଂ ସେମାନଙ୍କଠାରେ କିଛି ନିର୍ଦ୍ଦିଷ୍ଟ ଲକ୍ଷଣ ଦେଖାଦେଉଛି ସେମାନେ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କୁ ଅବଗତ କରନ୍ତୁ।

ନିର୍ଦ୍ଦେଶାବଳିରେ କୁହାଯାଇଛି, ଯଦି ଆପଣ ଗତ ୨୧ ଦିନ ମଧ୍ୟରେ ଇବୋଲା ପ୍ରଭାବିତ ରାଷ୍ଟ୍ରରୁ ଏବଂ ଇବୋଲା ପ୍ରଭାବିତ ରାଷ୍ଟ୍ର ଦେଇ ଯାତ୍ରା କରିଛନ୍ତି, ଏବଂ ଆପଣଙ୍କଠାରେ ଜ୍ୱର, ମୁଣ୍ଡବିନ୍ଧା, ବାନ୍ତି, ମାଂସପେଶୀରେ ଯନ୍ତ୍ରଣା, ଡାଇରିଆ ଭଳି ଲକ୍ଷଣ ଦେଖାଦେଉଛି ତେବେ ପୃଥକ୍ ରୁହନ୍ତୁ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କୁ ଅବଗତ କରନ୍ତୁ। କେଣସି ପ୍ରକାର ସହଯୋଗ ପାଇଁ କର୍ତ୍ତୃପକ୍ଷମାନଙ୍କୁ ଯୋଗାଯୋଗ କରିବାପାଇଁ ସରକାର ମଧ ଏକ ହେଲ୍ପଲାଇନ ନମ୍ବର ୧୦୭୫ ସେୟାର କରିଛନ୍ତି। ନିର୍ଦ୍ଦେଶାବଳିରେ କୁହାଯାଇଛି ଯେ ଆଗୁଆ ରୋଗ ଚିହ୍ନଟ ଜୀବନ ବଞ୍ଚାଇଦେବ ଏବଂ ରୋଗ ବେଶୀ ବ୍ୟାପିବାକୁ ଦେବନାହିଁ। ଉଲ୍ଲେଖଯୋଗ୍ୟ ଯେ ଡିମୋକ୍ରାଟିକ ରିପବ୍ଲିକ ଅଫ କଙ୍ଗୋ, ଉଗାଣ୍ଡା ଏବଂ ଦକ୍ଷିଣ ସୁଦାନକୁ ଯାତ୍ରା ନକରିବାପାଇଁ ସରକାର ଏକ ନିର୍ଦ୍ଦେଶାବଳି ଜାରି କରିବାର କିଛି ଦିନ ପରେ ଆଜି ଏହି ସଦ୍ୟ ନିର୍ଦ୍ଦେଶାବଳି ଜାରି ହୋଇଛି। ଉଲ୍ଲେଖଯୋଗ୍ୟ ଇବୋଲା ଭାଇରସ୍ ଯୋଗୁ ପ୍ରଭାବିତ ରାଷ୍ଟ୍ରମାନଙ୍କରେ ଏଯାବତ ମୃତ୍ୟୁ ସଂଖ୍ୟା ୨୦୦ ଟପିଥିବାବେଳେ ୧୦୭୭ ସନ୍ଦିଗ୍ଧ ମାମଲା ରହିଛି।

### ହାତୀ ଆକ୍ରମଣରେ ଶ୍ରମିକ ମୃତ

ଭୁବନେଶ୍ୱର,୨।୬(ମହାଭାରତ): ହାତୀ ଆକ୍ରମଣରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ମହାବିରୋଡ ରେଞ୍ଜ ଡମୋଳ ଗ୍ରାମର ଅନିରୋଧ ବେହେରା। ତାଙ୍କୁ ୫୦ ବର୍ଷ ହୋଇଥିଲା। ଅନିରୋଧ ଇଟାଭାଟିରୁ କାମ ସାରି ସାଇକେଲ ଯୋଗେ ଫେରିବା ବେଳେ ହାତୀ ସହିତ ତାଙ୍କର ମୁହାଁମୁହିଁ ହୋଇଯାଇଥିଲା। ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।ଖବର ପାଇ ମହାବିରୋଡ଼ ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପର୍ଜଙ୍ଗ ମେଡିକାଲକୁ ପଠାଇଥିଲା।

## ୨୦ରେ ରାଇରଙ୍ଗପୁରରେ ବିଶାଳ ସାଧାରଣ ସଭା

### ଯୋଗଦେବେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ : ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ହେବ ଉଦ୍‌ଘାଟନ ଓ ଶିଳାନ୍ୟାସ

ଭୁବନେଶ୍ୱର,୨।୬(ମହାଭାରତ):: ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୦ ତାରିଖରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ରାଷ୍ଟ୍ରପତି ଓ ମାନ୍ୟବର ପ୍ରଧାନମନ୍ତ୍ରୀ ଯୋଗଦେବା ପାଇଁ ସ୍ୱୀକୃତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି।

ବୈଠକରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା, ସଭାରେ ଯୋଗଦେଉଥିବା ସାଧାରଣ ଲୋକଙ୍କ ପାଇଁ ସୁବିଧା, ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେହେତୁ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି ତେଣୁ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ଆୟୋଜନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରକାଶ କରି ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରୁ ଜଣାଯାଇଛି ଯେ, ମାନ୍ୟବର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ଅବସରରେ ଓଡିଶା ପାଇଁ ଅନେକ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯିବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

### ଅଣ୍ଡରୱେଟ୍ ଶିଶୁଙ୍କ ଜଳଖିଆ ଖର୍ଚ୍ଚ ୧୨ ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର, ୨।୬(ମହାଭାରତ):: ଓଡିଶା ଅପପୁଷ୍ଟି ଲଢେଇରେ ଆଉ ଏକ ବଡ ପଦକ୍ଷେପ। ଅଣ୍ଡରୱେଟ୍ ଶିଶୁଙ୍କ ଜଳଖିଆ ବାବଦ ଖର୍ଚ୍ଚକୁ ବୃଦ୍ଧି କଲେ ରାଜ୍ୟ ସରକାର। ଜଳଖିଆ ଖର୍ଚ୍ଚ ୮ ରୁ ବଢ଼ି ୧୨ ଟଙ୍କା କରାଯାଇଛି। ଏଣିକି ନିକି ସେମାନଙ୍କୁ ୧୮ ଟଙ୍କାର ଖାଦ୍ୟ ମିଳିବ। ରାଜ୍ୟରେ ୩୫ ହଜାର ଶିଶୁ ସିଭିଅର ଅଣ୍ଡରୱେଟ୍ ଅଛନ୍ତି। ଏ ବାବଦରେ ୧୨୬ କୋଟି ୮୩ ଲକ୍ଷ ଟଙ୍କା ନିଜସ୍ୱ ପାଣ୍ଠିରୁ ବହନ କରିବେ ସରକାର। ଏହା ସହ ଶିଶୁ ଜୀବନର ପ୍ରଥମ ୧୦୦୦ ଦିନ ପୋଷଣ ଉପରେ ଆଧାରିତ ଡିଜିଟାଲ ବୁକଲେଟ୍ ଉନ୍ମୋଚନ କଲେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଯେଉଁଥିରେ ମା ପେଟରେ ୨୭୦ ଦିନ ଏବଂ ଜନ୍ମରୁ ଦୁଇ ବର୍ଷ ପର୍ଯ୍ୟନ୍ତ ପୋଷଣ ପୁରା ତଥ୍ୟ ରହିଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ମା'ମାନେ ଏହି ବୁକଲେଟ ଜରିଆରେ ସଚେତନ ହେଲେ ପ୍ରସବ ଜନିତ ସମସ୍ୟା ହଟିବ। ଯାହାଦ୍ୱାରା ଓଡିଶାକୁ ୨୦୩୬ ସୁଦ୍ଧା ପୋଷଣ ମୁକ୍ତ କରିବାରେ ସହାୟକ ହେବ। ଅପପୁଷ୍ଟି ମୁକ୍ତ ଓଡିଶା ଗଠନ ପାଇଁ ବିଭାଗ ମିଶନ ମୋଡରେ କାମ କରୁଛି।

## ଖଣି ଅଞ୍ଚଳରେ ସାଚୁରେସନ୍ ମୋଡ୍‌ରେ ଯୋଜନାଗୁଡିକର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଆରୋପ

ଭୁବନେଶ୍ୱର,୨।୬(ମହାଭାରତ):: ଓଡିଶାର ଖଣିଜ କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ଜାତୀୟ ଅର୍ଥନୀତିରେ ଓଡିଶାର ଅବଦାନକୁ ଆହୁରି ବୃଦ୍ଧି କରିବା ପାଇଁ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷନ ରେଡ୍ଡୀଙ୍କ ସହିତ ଆଲୋଚନା କରି କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିଛନ୍ତି ।

ଆଲୋଚନାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦେଶର ଖଣିଜ ଅର୍ଥନୀତି ଓ ଶିଳ୍ପ ଅଭିବୃଦ୍ଧିରେ ଓଡିଶାର ଗୁରୁତ୍ୱ କ୍ରମାଗତ ଭାବେ ବୃଦ୍ଧି ପାଇ ଚାଲିଛି । ୨୦୨୫-୨୬ ଆର୍ଥିକ ବର୍ଷରେ ଓଡିଶାରେ ପ୍ରାୟ ୪୭୧ ମିଲିଅନ୍ ଟନ୍ ଖଣିଜ ପଦାର୍ଥ ଉତ୍ପାଦନ ହୋଇଥିବା ବେଳେ ଏଥିରୁ ପ୍ରାୟ ୪୬ ହଜାର କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ହୋଇଛି । ତେବେ, ଏ କ୍ଷେତ୍ରରେ ଓଡିଶାର ଅଭିବୃଦ୍ଧିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଅହୁରି ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ ।

ଓଡିଶାରେ ଯେଉଁ ଖଣିଜ ବ୍ଲକ୍ ଗୁଡିକ ନିଲାମ ହୋଇଛି, ତାହାର ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ତ୍ୱରାନ୍ୱିତ କରିବା ପାଇଁ ସେ କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିଥିଲେ । ଏହାସହିତ ଶାଶୁବୋହୂମାଳୀ ବକ୍‌ସାଇଟ ବ୍ଲକ୍ ଓ ଠାକୁରାଣୀ ଲୁହାପଥର ବ୍ଲକ୍ ଓଡଗଡ କୁ ପ୍ରଦାନ କରିବା ପାଇଁ ମଧ ସେ କହିଥିଲେ ।

ଖଣିଜ ଓ ପରିବହନକୁ ଅଧିକ ଦକ୍ଷ ଓ ସ୍ୱଳ୍ପ ଖର୍ଚ୍ଚ ବିଶିଷ୍ଟ କରିବା ପାଇଁ ରେଳ ଓ ବନ୍ଦରଭିତ୍ତି ଭୂମିର ତ୍ୱରିତ ବିକାଶ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପରିବେଶ ସୁରକ୍ଷା ଦୃଷ୍ଟିରୁ ପରିତ୍ୟକ୍ତ



କୋଇଲା ଖଣି ଗୁଡିକ ଫ୍ଲାଇଆସ୍ ଜରିଆରେ ପୁର୍ନଭରଣ କରିବା ପାଇଁ ଏକ ଉପଯୁକ୍ତ ଫ୍ରେମୱାର୍କ ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହାସହିତ ଖଣିଜ ପଦାର୍ଥର ଉନ୍ନତ ବିଶ୍ଳେଷଣ ପାଇଁ ଆଧୁନିକ ଟେକ୍ନୋଲୋଜି ଯୋଗାଇ ଦେବା ପାଇଁ ସେ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଥିଲେ ଯେ, ଖଣି କ୍ଷେତ୍ରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରେଳ, ବନ୍ଦର, ଜଙ୍ଗଲ ଓ ପରିବେଶ ଆଦି ବିଭିନ୍ନ ବିଭାଗର ସହଯୋଗର ଆବଶ୍ୟକତା ରହିଛି । ତେଣୁ, ଏଥିପାଇଁ ସମସ୍ତ ମନ୍ତ୍ରାଳୟ ଓ ରାଜ୍ୟ ସରକାର ମିଶି ଏକ ଉଚ୍ଚସ୍ତରୀୟ ବୈଠକ ଜରିଆରେ ସମସ୍ତ ବିଷୟ ଗୁଡିକ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ବୈଠକରେ ଖଣିଜ ଅଞ୍ଚଳର ବିକାଶ ଓ ସ୍ଥାନୀୟ ଲୋକଙ୍କର କଲ୍ୟାଣ ସମ୍ପର୍କରେ ମଧ ଆଲୋଚନା ହୋଇଥିଲା । ଏଥିପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସମସ୍ତ ଯୋଜନାଗୁଡିକୁ ସାଚୁରେସନ୍ ମୋଡ୍‌ରେ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଛନ୍ତି । ତେଣୁ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ତଥା ଡଗର ପାଣ୍ଠି ଏବଂ କମ୍ପାନୀମାନଙ୍କର CSR ପାଣ୍ଠିକୁ ଖଣିଜ ଅଞ୍ଚଳରେ ଏକ ସମନ୍ୱିତ ପ୍ରଣାଳୀରେ କାର୍ଯ୍ୟକାରୀ କରି ସମ୍ପୂର୍ଣ୍ଣତା ବା ସାଚୁରେସନ୍ ହାସଲ କରିବା ପାଇଁ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଏଥିପାଇଁ ଓଡିଶାରେ ସି.ଏମ୍. ସମ୍ପଦା ନାମକ ଏକ ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା ।

ବୈଠକରେ ବିଭିନ୍ନ କେନ୍ଦ୍ରୀୟ ଖଣି ଚଝଟ ମାନଙ୍କର ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିରେ ମହାନଦୀ କୋଲ୍ ଫିଲ୍‌ଡସ ଲିମିଟେଡ, ନେଭେଲି ଲିଗନାଇଟ କର୍ପୋରେସନ, ସିଙ୍ଗାରେନୀ କୋଲିଆରିଜ୍ କମ୍ପାନୀ ଲିମିଟେଡ, ନାଲ୍‌କୋ, ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ ଆଦି ସଂସ୍ଥାର ଉଚ୍ଚ ପଦାଧିକାରୀମାନେ ଯୋଗ ଦେଇ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଇଡ୍‌କୋ ଅଧକ୍ଷା) ପ୍ରମୁଖ ଉପସ୍ଥିତ ଥିଲେ । କେନ୍ଦ୍ର ଖଣି ସଚିବ ଓ ଖଣି ମନ୍ତ୍ରଣାଳୟର ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ଲାଉ ପଲାଉ

ଲାଉ , ବାସୁମତୀ ଚାଉଳ, ତେଲ , ଲୁଣ , ଜିରା ତେଜପତ୍ର, ଡ଼ାଲଚିନି, ଜାଇଫଳ, ଗୋଲମରିଚ , ଗୁଜୁରାତି, ଗାଜର , ଗ୍ରୀନ ମଟର , କାଜୁବାଦାମ, କିସମିସ ଚିନି, ପୋଦିନା ପତ୍ର, ଧନିଆ ପତ୍ର, ଗରମ ମସଲା , କସ୍ତୁରୀ ମେଥି ଘିଅ ଓ ଲେମ୍ବୁରସ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଲାଉକୁ କୋରି ତାକୁ ଭଲ ଭାବେ ଚିପୁଡ଼ି ତା'ର ପାଣି ବାହାର କରି ଦିଅନ୍ତୁ। ଏହାପରେ ବାସୁମତୀ ଚାଉଳକୁ ଧୋଇ ରଖନ୍ତୁ। ଏବେ କଡ଼େଇରେ ତେଲ ଗରମ କରି କୋରା ଲାଉକୁ ଭଲ ଭାବେ ଭାଜି ଦିଅନ୍ତୁ। ଏହା ପରେ ଆଉ ଥରେ କେଡ଼ଇରେ ତେଲ ଗରମ ଜିରା , ତେଜପତ୍ର, ଡ଼ାଲଚିନି , ଜାଇଫଳ, ଗୋଲମରିଚ , କଟା ଗାଜର , ଗ୍ରୀନ ମଟର , କାଜୁବାଦାମ ଓ କିସମିସ ପକାଇ ଭାଜନ୍ତୁ । ଏସବୁ ଭାଜି ହୋଇଯିବା ପରେ ବାସୁମତୀ ଚାଉଳ ପକାଇ ଭଲ ଭାବେ ଭାଜନ୍ତୁ। ଚାଉଳ ଅଳ୍ପ ଭାଜି ହୋଇଯିବା ପରେ ସେଥିରେ ଲାଉରସ ଓ ଆବଶ୍ୟକ ଅନୁଯାୟୀ ପାଣି ଦିଅନ୍ତୁ। ପାଣି ଫୁଟିବା ପରେ ଏଥିରେ ଭଜା ଲାଉ, ଅଳ୍ପ ଚିନି , ଲୁଣ , ପୋଦିନାପତ୍ର , କସ୍ତୁରୀ ମେଥି , ଘିଅ ଓ ଲେମ୍ବୁରସ ପକାଇ ଘୋଡ଼ାଇ ଦିଅନ୍ତୁ। ୧୦ ମିନିଟ ପରେ ଘୋଡ଼ଣୀ ବାହାର କରି ଧନିଆ ପତ୍ର ଓ ଗରମ ମସଲା ପକାଇ କଡ଼େଇକୁ ଚୁଲିରୁ ଓହ୍ଲାନ୍ତୁ। ବତର୍ମାନ ପ୍ରସ୍ତୁତ ହୋଇଗଲା 'ଲାଉ ପଲାଉ' ।



ଖବର

# ଐତିହାସିକ ବିଜୟ ପରେ ବୃନ୍ଦାବନରେ ପହଞ୍ଚିଲେ ବରୁଷ୍କା,



ଇଣ୍ଡିଆନ୍ ପ୍ରିମିୟର ଲିଗରେ ଗୁଜୁରାଟ ଟାଇଟନ୍ସ ବିରୋଧରେ ରୟାଲ ଚ୍ୟାଲେଞ୍ଜର୍ସ ଖେଳି ଐତିହାସିକ ବିଜୟ ହାସଲ କରିଥିଲା । ଏହି ଚମତ୍କାର ବିଜୟ ପରେ କ୍ରିକେଟର ବିରାଟ କୋହଲି ଏବଂ ଅଭିନେତ୍ରୀ ଅନୁଷ୍କା ପୁଣି ଆଧ୍ୟାତ୍ମିକ ଯାତ୍ରାରେ ବାହାରି ପଡିଥିଲେ । ଗତକାଲି ଚର୍ଚ୍ଚିତ ଦମ୍ପତ୍ତି ବୃନ୍ଦାବନର ପ୍ରେମାନନ୍ଦ ମହାରାଜ ଜୀଙ୍କ ଆଶ୍ରମରେ ଯାଇ ପହଞ୍ଚିଥିଲେ ।ବିରାଟ ଓ ଅନୁଷ୍କା ରାଧା କେଳିକୁଞ୍ଜ ଆଶ୍ରମରେ ପହଞ୍ଚିବା ପରେ ମୁଣ୍ଡ ନୁଆଇଁ ପ୍ରେମାନନ୍ଦ ମହାରାଜ ଜୀଙ୍କଠାରୁ ଆଶୀର୍ବାଦ ନେଇଥିଲେ । ଯାହାର ଫଟୋ ଏବଂ ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ୍ ଜୋରରେ ଭାଇରାଲ ହେଉଛି ।ଏହି ଭାଇରାଲ ହେଉଥିବା ଭିଡିଓରେ ଦୁହିଁଙ୍କୁ ସାଧାରଣ ଗେଟଅପରେ ଦେଖିବାକୁ ମିଳିଛି । ଦୁହେଁ ମାସ୍କ ମଧ୍ୟ ପିନ୍ଧିଥିବାର ଦେଖିବାକୁ ମିଳିଛି । ଅନୁଷ୍କା ଗୋଟିଏ ଗୋଲାପୀ ରଙ୍ଗର ସାଲୱାର ସୁଟ୍ ଡ୍ରେସରେ ନଜର ଆସିଥିବାବେଳେ ବିରାଟ କୋହଲି ମାଟିଆ ରଙ୍ଗର ଛୋଟ କୁର୍ତ୍ତା ଏବଂ ବେଜ୍ ଟ୍ରାଉଜରରେ ନଜର ଆସିଛନ୍ତି । ଉଭୟେ ଖାଲି ପାଦରେ ଚାଲୁଥିବାର ମଧ୍ୟ ଦେଖିବାକୁ ମିଳିଛି । ଏଥିସହିତ ତାଙ୍କର ଏହି ଚମତ୍କାର ବିଜୟର ଖୁସି ପ୍ରେମାନନ୍ଦ ମହାରାଜଙ୍କ ସହ ବାଣ୍ଟିଛନ୍ତି । ଯାହାର ଭିଡିଓ ଏବଂ ଫଟୋ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛି । ଭିଡିଓ ଓ ଫଟୋ ଭାଇରାଲ ହେବା ପରେ ଫ୍ୟାନ୍ସଙ୍କ ପ୍ରତିକ୍ରିୟା ଦେଇଥିବା ଦେଖିବାକୁ ମିଳିଛି ।ଅନ୍ୟପଟେ ଏହି ଐତିହାସିକ ବିଜୟ ପରେ ଅନୁଷ୍କା ଶର୍ମା ତାଙ୍କ ଅଫିସିଆଲ ସୋସିଆଲ ମିଡିଆ ଆକାଉ□ରେ ଏକ ସୁନ୍ଦର ଏବଂ ଭାବପ୍ରବଣ ଫଟୋ ସେୟାର କରିଛନ୍ତି । ଏହି ଫଟୋରେ ଅନୁଷ୍କା ବିରାଟଙ୍କ ମଥାରେ କିସ୍ କରୁଥିବାର ଦେଖିବାକୁ ମିଳିଛି । ଏଥିସହ ଦୁହେଁ ଓଟଖଟ୍ରଫି ମଧ୍ୟ ଧରିଛନ୍ତି । ଏହା ବ୍ୟତୀତ ଅନ୍ୟ ଭିଡିଓରେ ବିରାଟ ଏହି ବିଜୟ ହାସଲ ଖୁସିରେ ନାଚୁ ଥିବାର ମଧ୍ୟ ଦେଖିବାକୁ ମିଳିଛି । ତାଙ୍କ ସହ ଦିନେଶ କାର୍ତ୍ତିକ ନାଚୁଥିବା ନଜର ଆସିଛି ।

# ସୁସ୍ଥ ଜୀବନଯାପନ ପାଇଁ



ପୂର୍ବ ଅପେକ୍ଷା ଆଜିକାଲି ଲୋକେ ନିଜର ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ହେଲେଣି। କିନ୍ତୁ ଏବେ ବି କିଛିଲୋକ ଅଛନ୍ତି ଯେଉଁମାନେ ନିଜର ସ୍ୱାସ୍ଥ୍ୟ ପ୍ରତି କଦାପି ଧ୍ୟାନ ଦିଅନ୍ତି ନାହିଁ। ଏମିତିକି ଯେତେବେଳେ ଯାହା ମିଳିଲା ଖାଇ ଦେଇଥାଆନ୍ତି ଶୋଇବାର ବି କିଛି ସମୟସୀମା ନଥାଏ। ଏମିତି ଅଭ୍ୟାସ ଥିବା ବ୍ୟକ୍ତିଙ୍କୁ ବୟସ ବଢ଼ିବା ସହିତ ବିଭିନ୍ନ ପ୍ରକାର ଶାରୀରିକ ସମସ୍ୟା ସହିତ ରୋଗମାଡ଼ି ବସିଥାଏ। ତେବେ ଆସନ୍ତୁ ଜାଣିବା ବୟସ ବଢ଼ିବା ସହିତ ଆମକୁ କେଉଁ ସବୁ ଦିଗ ପ୍ରତି ଯତ୍ନବାନ ହେବାକୁ ପଡ଼ିବ। ପ୍ରଥମତଃ ପ୍ରତି ଦୁଇମାସରେ ଆପଣ ମଧୁମେହ ପରୀକ୍ଷା କରାଇ ନିଅନ୍ତୁ। ସେହିପରି ଶରୀରରେ କୋଲେଷ୍ଟ୍ରଲସ୍ତର କେତେ ତାହା ବି ଜାଣି ରଖନ୍ତୁ। ଏତଦ ବ୍ୟତୀତ ମାସ ?ରେ ଥରେ ରକ୍ତଚାପ କେତେ ଅଛି। ଛଅମାସରେ ଥରେ କ୍ୟାନସର ସ୍କ୍ରିନିଂ ପରୀକ୍ଷା କରାଇ ନିଅନ୍ତୁ। କେବଳ ଏତିକି ନୁହେଁ କିଡନି ଓ ଲିଭର କେମିତି ଅଛି ତାହାବି ଡାକ୍ତରଙ୍କ ପରାମର୍ଶରେ ପରୀକ୍ଷା କରାନ୍ତୁ। ୩୦-୪୦ବର୍ଷ ଅତିକ୍ରମ କରିଗଲେ କେଉଁ ଖାଦ୍ୟ କେତେ ପରିମାଣରେ ଖାଇବାର ଅଛି ସେନେଇ ଡାକ୍ତରଙ୍କୁ ପରାମର୍ଶ କରନ୍ତୁ। ଏହାପରେ ଏହାର ଏକ ତାଲିକା ପ୍ରସ୍ତୁତ କରି ଦିଅନ୍ତୁ। ଏହି ତାଲିକା ଅନୁଯାୟୀ ଆପଣ ଖାଦ୍ୟ ଖାଇ ସୁସ୍ଥ ଜୀବନଯାପନ କରି ପାରିବେ। କାରଣ ସ୍ୱାସ୍ଥ୍ୟ ହିଁ ସମ୍ପଦ। ସ୍ୱାସ୍ଥ୍ୟ ଠିକ ଥିଲେ ମନ ଖୁସି ରହିବ।

# ବାତ, ପିତ୍ତ, କଫ ଦୂର କରେ ଭସତ୍ରିକା ପ୍ରାଣାୟଣମ

ଭସତ୍ରିକା ପ୍ରାଣାୟମ୍ ଅଭ୍ୟାସଦ୍ୱାରା ଶରୀରର ବିଷାକ୍ତ ଦ୍ରବ୍ୟଗୁଡ଼ିକ ଜଳିଯାଏ ଏବଂ ବାତ, ପିତ୍ତ, କଫ ରୋଗରୁ ଶରୀର ମୁକ୍ତ ହୁଏ। ଫୁସଫୁସ ବାୟୁ ଶୀଘ୍ର ବିନିମୟ ହେବାଦ୍ୱାରା ରକ୍ତ ସ୍ରୋତରେ ମଧ୍ୟ ଅମ୍ଳଜାନ ଓ ଅଙ୍ଗାରକାମ୍ଳ ବିନିମୟରେ ବୃଦ୍ଧି ହୁଏ। ସ୍ତ୍ରୀ ଲୋକମାନେ ସନ୍ତାନ ଜନ୍ମ ସମୟରେ ଏହାକୁ ବ୍ୟବହାର କରିପାରିବେ। ଶ୍ୱାସ ରୋଗୀଙ୍କ ପାଇଁ ବା ଫୁସଫୁସ ଅନ୍ୟ ସମସ୍ୟା ଥିଲେ ଏହା ଏକ ଉତ୍ତମ ଅଭ୍ୟାସ। ଗଳାଫୁଲା ବା କଫ ଜମାହେଲେ କମାଇ ଦିଏ। ସ୍ନାୟୁ ତନ୍ତ୍ରରେ ଭାରସାମ୍ୟ ଆଣେ ଏବଂ ଶକ୍ତିଶାଳୀ କରେ, ମନ ଶାନ୍ତ ଓ ସ୍ମରଣ ଶକ୍ତି ବଢ଼ାଇଥାଏ ବୋଲି ଯୋଗ ଗୁରୁ ଗଣେଶ୍ୱର ଗୋଛିକାର କହନ୍ତି। ଏହି ଅଭ୍ୟାସ କରିବା ପାଇଁ ପ୍ରଥମେ;



(୧): ଯେ କୌଣସି ଆରାମଦାୟକ ଧ୍ୟାନାସନରେ ବସ, ପଦ୍ମାସନ ବା ଅର୍ଦ୍ଧ ପଦ୍ମାସନ ହେଲେ ମଧ୍ୟ ଭଲ। ହାତ ଆଣ୍ଠୁ ଉପରେ ଚିନ୍ ବା ଜ୍ଞାନ ମୁଦ୍ରାରେ ରହିବ।

(୨) ମୁଣ୍ଡ ଓ ମେରୁଦଣ୍ଡ ସିଧା ରଖନ୍ତୁ, ଆଖି ବନ୍ଦ କରନ୍ତୁ ଓ ପୂରା ଦେହଲା କରନ୍ତୁ।

(୩)ଗଭୀର ନିଶ୍ୱାସ ନିଅନ୍ତୁ ଏବଂ ଜୋରେ୍ର ନାକବାଟେ ଛାଡ଼ନ୍ତୁ।

(୪) ତା'ପରେ ସଙ୍ଗେ ସଙ୍ଗେ ଜୋରେ୍ର ନିଶ୍ୱାସ ନିଅନ୍ତୁ।

(୫) ନିଶ୍ୱାସ ନେଲାବେଳେ ମଧ୍ୟଛେଦ ତଳକୁ ଖସିବ ଏବଂ ପେଟ ପଦାକୁ ବାହାରିବ।

(୬) ଏହି ସବୁ ଗତି ସାମାନ୍ୟ ବର୍ଦ୍ଧିତ ଆକାରରେ ହେବ।

(୬)ଏହିପରି ଭାବେ ୧୦ ଗଣିବା ପର୍ଯ୍ୟନ୍ତ ନିଶ୍ୱାସ ଜାରି ରଖନ୍ତୁ।

(୭) ଦଶଥର ନିଶ୍ୱାସ ପରେ ଗଭୀର ନିଶ୍ୱାସ ନିଅନ୍ତୁ ଓ ଧୀରେ ଛାଡ଼ନ୍ତୁ।


(୮)ପ୍ରଥମେ ବାମ ନାସାରନ୍ଧ୍ରକୁ ବୁା ଆଙ୍ଗୁଳିରେ ବନ୍ଦ କରି ନିଶ୍ୱାସ ନିଅନ୍ତୁ ଓ ଛାଡ଼ନ୍ତୁ ।

(୯): ସେହିପରି ଡାହାଣ ନାସାରନ୍ଧ୍ରରେ ନିଶ୍ୱାସ ନେଇ ଜୋରେ୍ର ଛାଡ଼ନ୍ତୁ।

(୧୦): ସେହିପରି ଦୁଇ ନାସାରନ୍ଧ୍ର ବାଟେ ଜୋରେ୍ର ୧୦ ଥର ନିଶ୍ୱାସ ନିଅନ୍ତୁ ଓ ଛାଡ଼ନ୍ତୁ

ଏହିପରି ବାରମ୍ବାର ଏହି ଅଭ୍ୟାସକୁ ଜାରି ରଖନ୍ତୁ।


# ଆତ୍ମପ୍ରଶଂସାର କୁଫଳ



ମହାରାଜା ଯଯାତି ଦୀର୍ଘକାଳ ଧରି ରାଜ୍ୟଶାସନ କରିଥିଲେ। ସାଂସାରିକ ଭୋଗବିଳାସ ପ୍ରତି ବିତୃଷ୍ଣା ଆସିବାରୁ ପୁତ୍ର ପୁରୁ ହାତରେ ରାଜ୍ୟଭାର ଅର୍ପଣ କରି ଜଙ୍ଗଲକୁ ଚାଲିଯାଇଥିଲେ ତପସ୍ୟା ନିମିତ୍ତ। କ୍ରୋଧଜୟୀ ଯଯାତି ବାନପ୍ରସ୍ଥ ବ୍ରତ ଅବଲମ୍ବନ ଦୀର୍ଘକାଳ ଧରି କୃଚ୍ଛ୍ର ସାଧନା କରିଥିଲେ। ତପସ୍ୟା ଥିଲା ଅତି କଠୋର, କେବଳ ଜଳଗ୍ରହଣ କରି, ପରବର୍ତ୍ତୀ ସମୟରେ ବାୟୁ ସେବନ କରି ତଥା ଗୋଟିଏ ଗୋଡ଼ରେ ଠିଆ ହୋଇ ଦୀର୍ଘକାଳ ତପସ୍ୟା କରିଥିଲେ। ତପସ୍ୟା ପ୍ରଭାବରୁ ସ୍ୱର୍ଗଲୋକ ପ୍ରାପ୍ତି ହୋଇଥିଲେ ଯଯାତି। କେତେବେଳେ ସେ ଦେବତାଙ୍କ ସହ ସ୍ୱର୍ଗଲୋକରେ ରହୁଥିଲେ ତ କେତେବେଳେ ବ୍ରହ୍ମଲୋକରେ ବିଚରଣ କରୁଥିଲେ। ତାଙ୍କର ଏଭଳି ଅବାଧ ବିଚରଣ ଦେବତାମାନଙ୍କ ଈର୍ଷାର କାରଣ ହୋଇଥିଲା। ଯଯାତି ଯେତେବେଳେ ଦେବରାଜ ଇନ୍ଦ୍ରଙ୍କ ନିକଟକୁ ଯାଉଥିଲେ ସେତେବେଳେ ତାଙ୍କସହ ଇନ୍ଦ୍ରଙ୍କ ଆସନ (ସିଂହାସନ)ରେ ବସୁଥିଲେ। ଦେବରାଜ ଇନ୍ଦ୍ର ଏହି ପରମ ପୁଣ୍ୟାତ୍ମାଙ୍କୁ ଆପଣାଠାରୁ ନୀଚ ଆସନ ଦେବାକୁ ଚାହୁଁ ନଥିଲେ, ହେଲେ ମୃତ୍ୟୁଲୋକରୁ ଆସିଥିବା ଜଣେ ବ୍ୟକ୍ତି ଆପଣା ସିଂହାସନରେ, ପୁଣି ତାଙ୍କ ନିକଟରେ ବସିବାକୁ ସେ ଆଦୌ ପସନ୍ଦ କରୁନଥିଲେ। ଏହା ତାଙ୍କୁ ବହୁତ ଅସୁଖ ଲାଗୁଥିଲା। ଦେବରାଜ ଭାବରେ ସେ ଏହାକୁ ନିଜ ପ୍ରତି ଘୋର ଅପମାନ ବୋଲି ବିଚାରୁଥିଲେ। ଦେବତାମାନେ ମଧ୍ୟ ସର୍ବଦା ଭାବୁଥିଲେ କେଉଁ ପ୍ରକାରେ ଯଯାତିଙ୍କୁ ସ୍ୱର୍ଗଚ୍ୟୁତ କରାଯାଇପାରେ। ଦେବତାମାନଙ୍କ ଏତାଦୃଶ ମନୋଭାବ ଇନ୍ଦ୍ରଙ୍କୁ ଅଗୋଚର ନଥିଲା।

ଦେବରାଜ ଶେଷରେ ମନେମନେ ଏକ ଯୋଜନା ପାଞ୍ଚିଲେ। ସେଦିନ ସିଂହାସନରେ ଇନ୍ଦ୍ରଙ୍କ ନିକଟରେ ଯଯାତି ବସିଥାନ୍ତି। ଯଯାତିଙ୍କୁ ପ୍ରଲୁବ୍ଧ କରିବା ପାଇଁ ଇନ୍ଦ୍ର ଅତି ମଧୁର ସ୍ୱରରେ ତାଙ୍କର ଢ଼େର୍ ପ୍ରଶଂସା କରିଥିଲେ। କହିଥିଲେ- ଆପଣ ପରମ ପୁଣ୍ୟାତ୍ମାମାନଙ୍କ ମଧ୍ୟରୁ ଅନ୍ୟତମ। ଆପଣଙ୍କ ସରି ଭଲା କିଏ ହୋଇପାରିବ। ମୁଁ ଜାଣିବାକୁ ଚାହୁଁଛି ଆପଣ ଏପରି କି ତପସ୍ୟା କଲେ ଯେ ଯାହାଫଳରେ ଆପଣ ଇନ୍ଦ୍ରଲୋକ ଓ ବ୍ରହ୍ମଲୋକରେ ଅବାଧ ବିଚରଣ କ୍ଷମତା ପାଇଲେ। ଇନ୍ଦ୍ରଙ୍କଠାରୁ ଏଭଳି ତୋଷାମୋଦପୂର୍ଣ୍ଣ ବାକ୍ୟ ଶୁଣି ଯଯାତି ଭୁଲିଗଲେ ଯେ ମଧୁର ବାଣୀର ଜାଲରେ ସେ ଛନ୍ଦିହେବାକୁ ଯାଉଛନ୍ତି ବୋଲି। ନିଜର ତପସ୍ୟା ଓ ସାଧନା ନେଇ ସ୍ୱୟଂ ଦେବରାଜଙ୍କଠାରୁ ଢ଼େର ପ୍ରଶଂସା ଶୁଣି କହି ପକାଇଲେ- 'ଦେବରାଜ ! ଦେବତା, ମନୁଷ୍ୟ, ଗନ୍ଧର୍ବ, କିନ୍ନର ମୁନିଋଷି କେହି ବି ମୋ ଭଳି ତପସ୍ୟା କରିବାର ଆପଣ ଦେଖି ନଥିବେ କି ଶୁଣିନ ଥିବେ।' ବାସ୍, କଥା ଶେଷ ହେବା ପୂର୍ବରୁ ଇନ୍ଦ୍ରଙ୍କ ମୁହଁର ଭାବ ବଦଳି ଯାଇଥିଲା। କଠୋର ସ୍ୱରରେ କହିଥିଲେ- 'ଯଯାତି ! ମୋର ଆସନରୁ ଅବିଳମ୍ବେ ଉଠିଯାଅ। ତୁମେ ନିଜ ମୁହଁରେ ନିଜର ଢ଼େର ପ୍ରଶଂସା ବଖାଣିଲଣି। ଏହାଦ୍ୱାରା ତୁମର ସକଳ ପୁଣ୍ୟ ନଷ୍ଟ ହୋଇଗଲା। ଯାହାକୁ ନେଇ ତୁମେ ଚର୍ଚ୍ଚା କରୁଛ। ଦେବତା, ଗନ୍ଧର୍ବ, ମୁନିଋଷିମାନେ କିଏ କେତେ ତପ କରିଛନ୍ତି ତାହା ନଜାଣି ତୁମେ ସେମାନଙ୍କୁ ଆକ୍ଷେପ, ତିରସ୍କାର କଲ। ନିଜକୁ ବଡ଼ବୋଲି ଦେଖାଇବାକୁ ଯାଇ ସେମାନଙ୍କ ତପସ୍ୟାକୁ ନ୍ୟୁନଦୃଷ୍ଟିରେ ଦେଖିଲ। ଏହି କାରଣରୁ ତୁମେ ଏବେ ସ୍ୱର୍ଗଚ୍ୟୁତ ହେବ।' ଇନ୍ଦ୍ର ଏହା କହିବା ମାତ୍ରେ ଯଯାତି ସ୍ୱର୍ଗଚ୍ୟୁତ ହୋଇ ଯାଇଥିଲେ। ହେଲେ ଯଯାତିଙ୍କ ଆକୁଳ ଅନୁନୟ ବିନୟରେ ଦେବରାଜ ଇନ୍ଦ୍ର ଏକ ସର୍ତ୍ତ ରଖିଥିଲେ ସେ ସତ୍ ପୁରୁଷଙ୍କ ମଣ୍ଡଳୀରେ ପତିତ ହେବେ ଓ ସତସଙ୍ଗ ପ୍ରାପ୍ତିର ପରିଣାମରେ ପୁନଃ ସ୍ୱର୍ଗଲୋକ ଯିବେ।

# ଉପନିଷଦରେ ସିଦ୍ଧି ପ୍ରାପ୍ତିର ବିଭିନ୍ନ ମାର୍ଗ



ଉପନିଷଦ ଅନୁଯାୟୀ ଜନ୍ମ ଏବଂ ମୃତ୍ୟୁ ମଧ୍ୟରେ ତିନୋଟି ଅବସ୍ଥା ରହିଛି । ଜାଗୃତ, ସ୍ୱପ୍ନ ଏବଂ ସୁଷୁପ୍ତି। ଏହି ତିନୋଟି ଅବସ୍ଥାରୁ ଉର୍ଦ୍ଧ୍ୱକୁ ଯିବାର ମାର୍ଗ ହିନ୍ଦୁ ଧର୍ମରେ ରହିଛି।

ତୁରୀୟାତୀତ ଅବସ୍ଥା : ତୁରୀୟ ଅବସ୍ଥା ଠାରୁ ଉର୍ଦ୍ଧ୍ୱ ପ୍ରଥମ ସୋପାନକୁ ତୁରୀୟାତୀତ ଅନୁଭବ ଅବସ୍ଥା କୁହାଯାଏ। ଏହି ଅବସ୍ଥାରେ ମନୁଷ୍ୟର ଅନୁଭବ ସ୍ଥାୟୀ ହୋଇଥାଏ। ସେ ଚେତନାର ଏପରି ଅବସ୍ଥାକୁ ପ୍ରାପ୍ତ କରିଥାଏ, ଯାହାଦ୍ୱାରା ସେ ଯୋଗୀ ବା ଯୋଗସ୍ଥ ବୋଲାଇଥାଏ। ଏହି ଅବସ୍ଥାରେ ବ୍ୟକ୍ତିକୁ ଶରୀରର ଆବଶ୍ୟକତା ନଥାଏ।

ଭଗବତ ଚେତନା : ତୁରୀୟାତୀତ ଅବସ୍ଥାରେ ରହି ରହି ଭଗବତ ଚେତନା ଅବସ୍ଥା ପ୍ରାପ୍ତ ହୋଇଥାଏ। ଏଥିପାଇଁ କୌଣସି ସାଧନାର ଆବଶ୍ୟକତା ନଥାଏ। ଏହାପରେ ବିକାଶ ସହଜ, ସ୍ୱାଭାବିକ ଏବଂ ନିଃପ୍ରୟାସ ହୋଇଥାଏ। ମହାନ ସିଦ୍ଧିଯୋଗୀମାନେ ଏହି ଅବସ୍ଥାକୁ ପ୍ରାପ୍ତ କରିଥାନ୍ତି।

ବ୍ରାହ୍ମୀ ଚେତନା : ଭଗବତ ଚେତନା ପରେ ମନୁଷ୍ୟ ଠାରେ ବ୍ରାହ୍ମୀ ଚେତନାର ଉଦୟ ହୋଇଥାଏ। ଅର୍ଥାତ୍, ପଦ୍ମ ପୂର୍ଣ୍ଣ ରୂପରେ ପ୍ରସ୍ଫୁଟିତ ହେବା। ଅହମ୍ ବ୍ରହ୍ମସ୍ମି ଏବଂ ତତ୍ତ୍ୱମସି ଅର୍ଥାତ୍ ମୁଁ ହିଁ ବ୍ରହ୍ମ ଅଟେ ଏହି ସମ୍ପୂର୍ଣ୍ଣ ଜଗତକୁ ହିଁ ମୁଁ ବ୍ରହ୍ମ ରୂପରେ ଦେଖୁଛି ।

ଜାଗୃତ ଅବସ୍ଥା : ଆଖି ଖୋଲା ରହିବାର ଅର୍ଥ ଜାଗ୍ରତ ଥିବା ବ୍ୟକ୍ତି କିନ୍ତୁ ଖୋଲା ଆଖିରେ ସ୍ୱପ୍ନ ଦେଖିବା, କଳ୍ପନା କରିବା, ବିଚାର କରିବା କିମ୍ବା କୌଣସି ଚିନ୍ତନରେ ମଜ୍ଜିଯିବାର ଅର୍ଥ ହେଉଛି ସ୍ୱପ୍ନରେ ବଞ୍ଚିବା । ମାତ୍ର ୧ ପ୍ରତିଶତ ଲୋକ ବର୍ତ୍ତମାନ ସଠିକ ଭାବେ ଜାଗ୍ରତ ରହିଛନ୍ତି। ଏପରି ମନୁଷ୍ୟ ହିଁ ମହାଯୋଗୀ ପଦବାଚ୍ୟ।

ସ୍ୱପ୍ନ ଅବସ୍ଥା : ଜାଗୃତି ଏବଂ ନିଦ୍ରା ମଧ୍ୟର ଅବସ୍ଥାକୁ ସ୍ୱପ୍ନର ଅବସ୍ଥା କହିଥା'ନ୍ତି। ସ୍ୱପ୍ନରେ ବ୍ୟକ୍ତି ଅଳ୍ପ ଜାଗ୍ରତ ହୋଇଥାଏ ଏବଂ ଅଳ୍ପ ଶୋଇଥାଏ। ଏଥିରେ ଅସ୍ପଷ୍ଟ ଅନୁଭବ ଏବଂ ଭାବ ମିଶ୍ରିତ ହୋଇ ରହିଥାଏ। ସେଥିପାଇଁ ବ୍ୟକ୍ତି କେତେବେଳେ ଯେ ସ୍ୱପ୍ନ ଦେଖିନେଇଥାଏ ତା'ର କୌଣସି ଭରସା ନଥାଏ ।

ସୁଷୁପ୍ତି ଅବସ୍ଥା : ଗଭୀର ଏବଂ ସ୍ୱପ୍ନମୁକ୍ତ ନିଦ୍ରାକୁ ସୁଷୁପ୍ତି କୁହାଯାଏ। ଏହି ଅବସ୍ଥାରେ ପାଞ୍ଚଟି ଜ୍ଞାନେନ୍ଦ୍ରିୟ ଏବଂ ପାଞ୍ଚଟି କର୍ମେନ୍ଦ୍ରୀୟ ସହିତ ଆତ୍ମା ବିଶ୍ରାମ କରିଥାଏ। ମୃତ୍ୟୁକାଳରେ ଅଧିକାଂଶ ଲୋକ ଏହି ଅବସ୍ଥାକୁ ଚାଲିଯା'ନ୍ତି ।

ତୁରୀୟ ଅବସ୍ଥା : ଚେତନାର ଚତୁର୍ଥ ଅବସ୍ଥାକୁ ତୁରୀୟ କହିଥା'ନ୍ତି। ଏହି ଅବସ୍ଥା ବ୍ୟକ୍ତିର ପ୍ରୟାସ କାରଣରୁ ପ୍ରାପ୍ତ ହୋଇଥାଏ। ଏଥିରେ ଜାଗୃତି ନଥାଏ, ସ୍ୱପ୍ନ ଏବଂ ସୁଷୁପ୍ତି ମଧ୍ୟ ନଥାଏ। ଏହା ବିଚାର ଏବଂ ଅତୀତ ଓ ଭବିଷ୍ୟତର କଳ୍ପନା ଠାରୁ ଉର୍ଦ୍ଧ୍ୱରେ ଥାଏ।

# ବିଜେପି ରାଷ୍ଟ୍ର ନିର୍ମାଣକୁ ଗୁରୁତ୍ୱ ଦିଏ



**ଭୁବନେଶ୍ୱର,୨।୬ (ମହାଭାରତ):** ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ରୁଦ୍ରନାରାୟଣ ସାମନ୍ତରାୟ ବିଜେଡି ଛାଡ଼ି ସମର୍ଥକଙ୍କ ସହ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେଇଛନ୍ତି । ସେହିପରି ଖୋର୍ଦ୍ଧା ଜିଲ୍ଲା ଯୁବ ସମ୍ପାଦକ ଅଶୋକ ପଲେଇ, ଲୋପାମୁଦ୍ରା ନାୟକ, ଦେବଶିଷ ରଣା, ମିଲନ ପାଇକରାଏ, ସୌରଭ ମହାନ୍ତି, ବିଶ୍ୱଜିତ୍ ଦାସ, ଶୈଳେନ୍ଦ୍ର ପ୍ରସାଦ ରାଏ, ରାଜା ନିର୍ମାୟା ପ୍ରସାଦ, ସନ୍ଦୀପ କୁମାର ବଳ, ସୁମନ କୁମାରୀ, ସ୍ୱୀକୃତି ପଟ୍ଟନାୟକ, ବିବେକାନନ୍ଦ କର, ଶୈଳେନ୍ଦ୍ର ରାଏ ପ୍ରମୁଖ ବିଜେଡି ଦଳ ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଦଳୀୟ ଟୋପି ଓ ଉତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରାଯାଇଛି ।

ଏହି ଅବସରରେ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି ଯେ, ଆଜିର ମିଶ୍ରଣ ପର୍ବ ପରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବିଜେପି ସଂଗଠନ ଆହୁରି ସୁଦୃଢ଼ ହୋଇଛି । ରାଷ୍ଟ୍ର ନିର୍ମାଣ ଉପରେ ଗୁରୁତ୍ୱ ଦେଉଥିବା ବିଜେପି ଦଳ ହେଉଛି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ । ଏହି ଦଳରେ ୧୪ କୋଟିରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଥିଲାବେଳେ ଦେଶର ୨୨ ରାଜ୍ୟରେ ବିଜେପି ଓ ଏନ୍‌ଡିଏ ସରକାର ରହିଛି । ଗଙ୍ଗୋତ୍ରୀରୁ ଗଙ୍ଗା ସାଗର ପର୍ଯ୍ୟନ୍ତ ଆମର ସରକାର ରହିଛି । ଭାରତୀୟ ଜନତା ପାର୍ଟିର କାର୍ଯ୍ୟ ଶୈଳୀ ଓ ବିଚାରଧାରା ଉପରେ ବିଶ୍ୱାସ କରି କାର୍ଯ୍ୟକର୍ତ୍ତାମାନେ ଅନ୍ୟାନ୍ୟ ରାଜନୈତିକ ଦଳ ଛାଡି ବିଜେପିରେ ଯୋଗଦେଉଛନ୍ତି । କାରଣ ବିଜେପି ସକାରାତ୍ମକ ରାଜନୀତିରେ ବିଶ୍ୱାସ କରି ରାଷ୍ଟ୍ର ନିର୍ମାଣକୁ ଗୁରୁତ୍ୱ ଦିଏ । ଆଗାମୀ ଦିନରେ ଆମ ସମସ୍ତଙ୍କୁ ନିସ୍ୱାର୍ଥଭାବେ ଅନେକ କାର୍ଯ୍ୟ କରିବାର ଅଛି । ପ୍ରତ୍ୟେକ ଘରେ ପହଂଚିବାର ଅଛି । ସମାଜରେ ରହୁଥିବା ବିଭିନ୍ନ ବର୍ଗର ଲୋକଙ୍କ କଥା ବୁଝିବାର ଅଛି । ଏନେଇ ରାଷ୍ଟ୍ର ନିର୍ମାଣର ଭାବନା ନେଇ ସମସ୍ତେ ଗୋଟିଏ ଦିଶାରେ କାର୍ଯ୍ୟକରି ଦଳକୁ ଅଧିକ ସୁଦୃଢ଼ କରିବାକୁ ଶ୍ରୀମତୀ ଷଡ଼ଙ୍ଗୀ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଶ୍ରୀ ସାମନ୍ତରାୟ କହିଛନ୍ତି ଯେ, ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଦିନ । ଜନ ସେବାକୁ ସଂକଳ୍ପ ନେଇ ସେ ଏକ ନୂଆଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶ, ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ, ରାଜ୍ୟସଭାପତି ଶ୍ରୀ ମନମୋହନ ସାମଲଙ୍କ ଆର୍ଶୀବାଦ, ସାସଂଦ ଷଡ଼ଙ୍ଗୀଙ୍କ କାର୍ଯ୍ୟ ଶୈଳୀ, ଓ ଚିନ୍ତାଧାରାରେ ଅନୁପାଣିତ ହୋଇ ସେ ବିଜେପିରେ ଯୋଗଦେଇଛନ୍ତି । ୨୦ ବର୍ଷ ହେବ ବିଭିନ୍ନ ସାମାଜିକ ସଂଗଠନ ମାଧ୍ୟମରେ ସେ ଲୋକଙ୍କ ସେବା କରି ଆସୁଥିଲେ । ଲୋକଙ୍କ ଅଧିକ ସେବା କରିବା ପାଇଁ ୨୦୧୯ରେ ବିଜେଡିରେ ଯୋଗଦେଇଥିଲେ । ମାତ୍ର ସେଠାରେ ଲୋକଙ୍କୁ ଠିକ୍ ଭାବେ ସେବା କରିବାକୁ ସୁଯୋଗ ମିଳୁ ନଥିଲା । ଉଚିତ୍ ନେତୃତ୍ୱ, ପ୍ରେରଣା ଓ ସକ୍ରିୟ ମାର୍ଗଦର୍ଶନ ମିଳିପାରୁ ନଥିଲା । ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱରେ ଭାରତ ଆଗକୁ ବଢୁଥିବା ଦେଖି ବିଜେପିରେ ଯୋଗ ଦେବାକୁ ସ୍ଥିର କରିଥିଲେ । ବିଜେପି ଏକ ଦଳ ନୁହେଁ ରାଷ୍ଟ୍ର ନିର୍ମାଣର ଏକ ପରିବାର । ଏହି ପରିବାରରେ ଯୋଗଦେଇଥିବାରୁ ସେ ନିଜକୁ ଗର୍ବିତ ଅନୁଭବ କରୁଥବା କହି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ମିଶ୍ରଣ ପର୍ବରେ ବିଧାୟକ ଶ୍ରୀ ପ୍ରଶାନ୍ତ ଜଗଦ୍ଦେବ, ରାଜ୍ୟ ସମ୍ପାଦକ ଶ୍ରୀମତୀ ପିଙ୍କି ପ୍ରଧାନ, ଖୋର୍ଦ୍ଧା ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ଜୀବନ ପ୍ରଦୀପ ଦାସ, ଶ୍ରୀ ନିକୁଞ୍ଜ ପଟ୍ଟନାୟକ, ରଶ୍ମି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଅନନ୍ୟା ଅଓ୍ୱସ୍ତି ରାଜ୍ୟପାଳଙ୍କ ଏଡିସି ନିଯୁକ୍ତ

**ଭୁବନେଶ୍ୱର,୨।୬ (ମହାଭାରତ):** ଓଡିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆଇପିଏସ୍ ଅଧିକାରୀ ଅନନ୍ୟା ଅଓ୍ୱସ୍ତିଙ୍କୁ ରାଜ୍ୟପାଳଙ୍କ ଏଡିସି (ପୋଲିସ) ଭାବେ ନିଯୁକ୍ତି ଦେଇଛନ୍ତି । ଅନନ୍ୟା ଅଓ୍ୱସ୍ତି ଓଡିଶା ରାଜ୍ୟପାଳଙ୍କ ସମ୍ମାନଜନକ ଏଡିସି ପଦବୀରେ ନିଯୁକ୍ତ ହେବାରେ ପ୍ରଥମ ମହିଳା ଆଇପିଏସ୍ ଅଧିକାରୀ । ଲୋକଭବନରେ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ରାଜ୍ୟପାଳ ଅନନ୍ୟା ଅଓ୍ୱସ୍ତିଙ୍କୁ ନୂତନ ପୋଲିସ ଏଡିସି ଭାବରେ ସ୍ୱାଗତ କରିଥିଲେ । ଏହି ଅବସରରେ ରାଜ୍ୟପାଳଙ୍କ ସଚିବାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ନିଯୁକ୍ତି ପୂର୍ବରୁ, ଅନନ୍ୟା ଅଓ୍ୱସ୍ତି କଟକର ୟୁପିଡିର ଆସିଷ୍ଟାଂଟ ପୋଲିସ କମିଶନର (ଏସିପି) ଭାବରେ କାର୍ଯ୍ୟରତ ଥିଲେ । ଓଡିଶାର ରାଜ୍ୟପାଳଙ୍କ ଏଡିସି ଭାବରେ କାର୍ଯ୍ୟ କରିବାରେ ପ୍ରଥମ ମହିଳା ଭାବରେ ତାଙ୍କର ନିଯୁକ୍ତି ସାର୍ବଜନୀନ ସେବାରେ ମହିଳାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ । ଅନନ୍ୟା ଅଓ୍ୱସ୍ତି ଆଇପିଏସ୍ ଅଧିକାରୀ କୁଳଦୀପ ମୀନାଙ୍କ ସ୍ଥାନରେ ନିଯୁକ୍ତ ହୋଇଛନ୍ତି । ରାଜ୍ୟପାଳଙ୍କ ବିଭିନ୍ନ ସରକାରୀ କାର୍ଯ୍ୟ, ଆନୁଷ୍ଠାନିକ ସମାରୋହ ଏବଂ ଅନ୍ୟାନ୍ୟ ପ୍ରୋଟୋକଲ-ସମ୍ବନ୍ଧୀୟ କର୍ତ୍ତବ୍ୟ ନିର୍ବାହ ସମୟରେ ରାଜ୍ୟପାଳଙ୍କୁ



ସହାୟତା କରିବାରେ ଏଡିସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଦୁଇଜଣ ଏଡ଼ିସିଙ୍କ ମଧ୍ୟରେ ଜଣେ ଭାରତୀୟ ନୌସେନାର ଏବଂ ଅନ୍ୟ ଜଣେ ପୋଲିସ ଅଧିକାରୀ ଅଟନ୍ତି । ଅନନ୍ୟା ଅଓ୍ୱସ୍ତି ପୋଲିସ ଏଡିସି ଭାବରେ କାର୍ଯ୍ୟ କରିବେ ଏବଂ ଭାରତୀୟ ନୌସେନାର ଲେଫ୍ଟନାଂଟ ହର୍ଷିତ ଦେଓ ରାଜ୍ୟପାଳଙ୍କ ନୌସେନା ଏଡିସି ଭାବରେ କାର୍ଯ୍ୟରତ ଅଛନ୍ତି ।

# 'ମନ କି ବାତ' ଶୁଣିଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨।୬ (ମହାଭାରତ):** ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ବିଭିନ୍ନ ବିଭାଗର ମନ୍ତ୍ରୀ, ରାଜ୍ୟର ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳରେ କୁଳପତିମାନେ ଲୋକ ଭବନର ନ୍ୟୁଅଭିଷେକ ହଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ କି ବାତ' କାର୍ଯ୍ୟକ୍ରମ ଶୁଣିଛନ୍ତି । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିଳ୍ପ ତଥା ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, ଓଡିଶା ସରକାରଙ୍କ ବରିଷ୍ଠ ଅଧିକାରୀ ଏବଂ ଶିକ୍ଷାବିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ସମୟରେ ପ୍ରଧାନମନ୍ତ୍ରୀ ଗ୍ରୀଷ୍ମ ପ୍ରବାହ ପ୍ରସ୍ତୁତି, ଜଳ ସଂରକ୍ଷଣ, ଭାରତର କ୍ରୀଡା ସଫଳତା, ସାଂସ୍କୃତିକ ଐତିହ୍ୟ ଏବଂ ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଭୂମିକା ତଥା ବିଭିନ୍ନ ବିଷୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ରାଜ୍ୟର ରାଜନୈତିକ ନେତୃତ୍ୱ, ପ୍ରଶାସକ ଏବଂ ଶିକ୍ଷାବିତଙ୍କୁ ଏକାଠି କରିଥିଲା ଓ ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ ଚିନ୍ତାଧାରା ଏବଂ ପଦକ୍ଷେପକୁ ପ୍ରତିଫଳିତ କରିଥିଲା ।

# ରାଜା ସାମନ୍ତରାୟଙ୍କ କଂଗ୍ରେସକୁ ଘର ବାହୁଡ଼ା

**ଭୁବନେଶ୍ୱର,୨।୬ (ମହାଭାରତ):** ପୂର୍ବତନ ପିପିଲି ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କ ପୁତ୍ର, ଲୋକପ୍ରିୟ ଯୁବନେତା ପ୍ରିୟବ୍ରତ (ରାଜା) ସାମନ୍ତରାୟ ହଜାର ହଜାର କର୍ମୀଙ୍କ ସହ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସହ ଏକ ବାଇକ ରେଲି ଯୋଗେ ମିଶ୍ରଣ ପର୍ବ ସମାବେଶ ସ୍ଥଳୀକୁ ଯାଇଥିଲେ । ସମାବେଶରେ ପିସିସି ସଭାପତି ଭକ୍ତ ଚରଣ ଦାସ, ଓଡିଶା କଂଗ୍ରେସ ସହ ପ୍ରଭାରୀ ଜେଟ୍ଟୀ କୁସୁମ କୁମାର, ପୂର୍ବତନ ମନ୍ତ୍ରୀ ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟ, ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ସୁଜିତ ପାଢ଼ୀ, ବରିଷ୍ଠ କଂଗ୍ରେସ ନେତା ସତ୍ୟବ୍ରତ ପାତ୍ର, ପିସିସି କୋଷାଧକ୍ଷ ସିଦ୍ଧାର୍ଥ ଦାଶ ତାଙ୍କୁ ପୁଷ୍ପମାଲ୍ୟ ଦେଇ କଂଗ୍ରେସ ଦଳକୁ ସ୍ୱାଗତ କରିଥିଲେ । ସମାବେଶରେ ଉପସ୍ଥିତ ହଜାର ହଜାର କଂଗ୍ରେସ କର୍ମକର୍ତ୍ତା ତଥା ସମର୍ଥକଙ୍କୁ ସମ୍ବୋଧିତ କରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଲେ, ସ୍ୱର୍ଗତ ଯୁଧିଷ୍ଠିର ସାମନ୍ତରାୟ କେବଳ କଂଗ୍ରେସ ନୁହଁ ସାରା ରାଜ୍ୟର ରାଜନୀତି ଜଗତର ଜଣେ ପ୍ରଥିତଯଶା ପୁରୁଷ । ସ୍ୱର୍ଗତ ସାମନ୍ତରାୟଙ୍କ ସୁପୁତ୍ର ରାଜା ସାମନ୍ତରାୟ କଂଗ୍ରେସ ପରିବାରର ସଦସ୍ୟ । ହୁଏତ ସେ ଦଳ ଛାଡି ଚାଲି ଯାଇଥିଲେ କିନ୍ତୁ କଂଗ୍ରେସ ସବୁବେଳେ ତାଙ୍କୁ ଆପଣାର ଚିନ୍ତା କରିଛି । ରାଜା ବାବୁଙ୍କ ଘର ବାହୁଡ଼ା ପିପିଲି ତଥା ଅଞ୍ଚଳରେ କଂଗ୍ରେସର ପତିଆରା ନିଶ୍ଚୟ ବୃଦ୍ଧି ପାଇବ ବୋଲି କହିଥିଲେ । ରାଜା ବାବୁଙ୍କ ଘର ବାହୁଡ଼ା ରାଜ୍ୟରେ



କଂଗ୍ରେସର ବୃଦ୍ଧି ପାଉଥିବା ଲୋକପ୍ରିୟତା ଦର୍ଶାଉଛି । ସାଧାରଣ ଜନତା ବିଜେପି ଓ ବିଜେଡିର କୁଶାସନରେ ଅତିଷ୍ଠ ହୋଇ ଗଲେଣି । ଆଗାମୀ ଦିନରେ କଂଗ୍ରେସର ଯୁଗ ପୁଣି ପ୍ରତ୍ୟାବର୍ତ୍ତନ କରିବ ବୋଲି ଶ୍ରୀ ଦାସ ଦୃଢୋକ୍ତି ପ୍ରକାଶ କରିଥିଲେ ।

ନିଜ ବ୍ୟକ୍ତବ୍ୟରେ ପ୍ରିୟବ୍ରତ ସାମନ୍ତରାୟ କହିଲେ, ତାଙ୍କ ହୃଦୟରେ ସବୁବେଳେ କଂଗ୍ରେସ ଥିଲା, ଅଛି ଏବଂ ରହିବ । କଂଗ୍ରେସ ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବରେ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଦଳକୁ ଶକ୍ତିଶାଳୀ କରିବି ତଥା ଅଞ୍ଚଳ ଜନତାଙ୍କ ସୁଖ ଦୁଃଖରେ ଭାଗିଦାର ହୋଇ ଅଧିକାର ପାଇଁ ଲଢ଼ିବି ବୋଲି ପ୍ରକାଶ କରିଥିଲେ । ଏହି ମିଶ୍ରଣ ପର୍ବରେ ପିସିସି ମିଡ଼ିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, କଂଗ୍ରେସ ଜିଲ୍ଲା ସଭାପତି ରାଜେଶ ମିଶ୍ର, କୃଷକ ସେଲ ଅଧ୍ୟକ୍ଷ ଅଭୟ ସାହୁ, କଂଗ୍ରେସ ନାରୀ ନେତ୍ରୀ ନିରୁପମା ପାତ୍ର, ନାରୀ ନେତ୍ରୀ ଶିଳ୍ପୀଶ୍ରୀ, ଯୁବ କଂଗ୍ରେସ ନେତା ମିଲନ ପଟ୍ଟନାୟକ ପ୍ରମୁଖ ଏବଂ ହଜାର ହଜାର କର୍ମକର୍ତ୍ତା ଓ ସମର୍ଥକ ଉପସ୍ଥିତ ଥିଲେ ।

# ଶିଳ୍ପପତିମାନଙ୍କ ପ୍ରତି ପକ୍ଷପାତିତା ବିରୁଦ୍ଧରେ କ୍ଷୋଭପ୍ରକାଶ

**ଭୁବନେଶ୍ୱର,୨।୬ (ମହାଭାରତ):** ଭାରତୀୟ ମଜଦୁର ସଂଘ ଓଡ଼ିଶା ନେତୃତ୍ୱରେ, ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ଚାଲିଥିବା ଶ୍ରମିକ ଆନ୍ଦୋଳନ ଦଶମ ପହଂଚିଛି । ତଥାପି, ଓଡ଼ିଶା ଶ୍ରମ ମନ୍ତ୍ରଣାଳୟ ଏବଂ ଏହାର ସମ୍ପୃକ୍ତ ବିଭାଗଗୁଡ଼ିକ 'ଉଦାସୀନତାର ନିଦ୍ରାରେ' ରହିଛନ୍ତି । ଆଜି ଏକ କଡ଼ା ବିବୃତ୍ତି ଜାରି କରି, ଭାରତୀୟ ମଜଦୁର ସଂଘ ର ରାଜ୍ୟ ସଭାପତି ଶ୍ରୀ ବାଦଲ ମହାରଣା ଏହି ପ୍ରସଙ୍ଗରେ ଶ୍ରମ ବିଭାଗର ନିଷ୍କ୍ରିୟତା ଏବଂ ନୀରବତା ସମ୍ପର୍କରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି । ସେ ଦୃଢ଼ ଭାବରେ କହିଛନ୍ତି ଯେ, ପ୍ରତିଷ୍ଠିତ ନିୟମ ଏବଂ ପ୍ରୋଟୋକଲ ଅନୁସାରେ, ଶ୍ରମ ବିଭାଗ ଦ୍ୱିପାକ୍ଷିକ କିମ୍ବା ତ୍ରିପାକ୍ଷିକ ଆଲୋଚନାକୁ ସହଜ କରିବା ପାଇଁ ତୁରନ୍ତ ହସ୍ତକ୍ଷେପ କରିବା ଉଚିତ ଥିଲା; ତଥାପି, ବିଭାଗର ନିରବତା ପ୍ରମାଣ କରୁଛି ଯେ ଏହା ଶ୍ରମିକମାନଙ୍କ ସ୍ୱାର୍ଥରେ ନାହିଁ, କେବଳ ପୁଞ୍ଜିପତି ଏବଂ ଶିଳ୍ପପତିଙ୍କ ସପକ୍ଷବାଦୀ ପ୍ରତୀତ ହେଉଛି ।

ଶ୍ରୀ ମହାରଣା କହିଛନ୍ତି, 'ଏପରି ଆଲୋଚନା ସଫଳ ଫଳାଫଳ ଆଣିବ କି ନାହିଁ ତାହା ଏକ ଦ୍ୱିତୀୟ ବିଷୟ । ତଥାପି, ଆଲୋଚନା ଆରମ୍ଭ କରିବାରେ ବିଫଳତା ଦର୍ଶାଉଛି ଯେ ଶ୍ରମ ବିଭାଗ ଏହାର ଦାୟିତ୍ୱକୁ ସମ୍ପୂର୍ଣ୍ଣ ଭାବରେ ଏଡାଇ ଯାଉଛି । ଓଡ଼ିଶା ସରକାରଙ୍କ ଏହି ଦାୟିତ୍ୱହୀନ ମନୋଭାବ ଯୋଗୁଁ, ବର୍ତ୍ତମାନ ସମଗ୍ର ଦେଶର ଶ୍ରମିକମାନଙ୍କ ମଧ୍ୟରେ ପ୍ରବଳ ଆକ୍ରୋଶ ରହିଛି ଏବଂ ଓଡ଼ିଶାର ଏହି ଆନ୍ଦୋଳନ ସମର୍ଥନ ରେ ଦେଶର ବିଭିନ୍ନ କୋଣରେ ବିକ୍ଷୋଭ ପ୍ରଦର୍ଶନ ଚାଲିଛି । ଓଡ଼ିଶା ସରକାର 'ଶହୀଦ ତନ୍ମୟ ସେନ'ଙ୍କୁ ନ୍ୟାୟ ପ୍ରଦାନ କରିବା ଆବଶ୍ୟକ ବାଲେଶ୍ୱରର ଜଣେ ସହକର୍ମୀ ତନ୍ମୟ ସେନଙ୍କ ଆତ୍ମହତ୍ୟା ଉପରେ ଭାରତୀୟ ମଜଦୁର ସଂଘ ଗଭୀର ଦୁଃଖ ଏବଂ କ୍ଷୋଭ ପ୍ରକାଶ କରିଛି । ବ୍ୟାପକ ଛଟେଇ ଯୋଗୁଁ, ଅନେକ ଶ୍ରମିକଙ୍କ ପରିବାରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ବିପଦପୂର୍ଣ୍ଣ ଏବଂ ଦୟନୀୟ ହୋଇପଡ଼ିଛି । ଏହି ମାନସିକ ଚାପ ଏବଂ ଆର୍ଥିକ ଚାପ ହିଁ ତନ୍ମୟ ସେନଙ୍କୁ ଆତ୍ମହତ୍ୟା କରିବାକୁ ବାଧ କରିଥିଲା ।

# ଗୃହ ନିର୍ମାଣର ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨।୬ (ମହାଭାରତ):** ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ପକ୍ଷରୁ ସାରା ରାଜ୍ୟରେ ଶସ୍ତା, ସୁଲଭ ଓ ସମାବେଶୀ ଗୃହ ପ୍ରକଳ୍ପର ବ୍ୟାପକ ସମ୍ପ୍ରସାରଣ କରାଯିବ । ଏଥିପାଇଁ ବିଭିନ୍ନ ବୃହତ ଆବାସିକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ବେଳେ ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମାକୁ ଏହି କାର୍ଯ୍ୟକ୍ରମ ସମ୍ପ୍ରସାରିତ କରିବାକୁ ଏକ ରଣନୀତି ପ୍ରସ୍ତୁତ କରାଯାଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଓଏସଏଚବିର ଚାଲୁ ରହିଥିବା ଏବଂ ଆଗାମୀ ପ୍ରକଳ୍ପଗୁଡ଼ିକର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବୋର୍ଡର ଅଗ୍ରଗତି ଏବଂ ଆଗାମୀ ରୋଡମ୍ୟାପ୍ ଉପସ୍ଥାପନ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ଓଏସଏଚବିର ପରିଚାଳନା



ନିର୍ଦ୍ଦେଶକ ଶ୍ରୀ ଗଙ୍ଗାଧର ନାୟକ ସୂଚନା ଦେଇଛନ୍ତି ଯେ, ବୋର୍ଡ ପକ୍ଷରୁ ଏପର୍ଯ୍ୟନ୍ତ ୨୧ଟି ଜିଲ୍ଲାରେ ୩୨,୩୪୩ଟି ଗୃହ, ଦୋକାନ ଗୃହ ଏବଂ ପ୍ଲଟ୍ ବିକଶିତ କରାଯାଇଛି । ଏହା ଆର୍ଥିକ ଅନଗ୍ରସର , ନିମ୍ନ ଆୟ , ମଧ୍ୟମ ଆୟ ଏବଂ ଉଚ୍ଚ ଆୟ ଶ୍ରେଣୀର ଲୋକଙ୍କ ଆବଶ୍ୟକତା ପୂରଣ କରୁଛି । କେବଳ ଖୋର୍ଦ୍ଧା ଜିଲ୍ଲାରେ ୨୦,୦୦୦ରୁ ଅଧିକ ୟୁନିଟ୍ ବିକଶିତ କରାଯାଇଛି । ସମୀକ୍ଷା ଅନୁସାରେ, ବର୍ତ୍ତମାନ ୫୧୭ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ୧୪୮୪ଟି ଆବାସିକ ୟୁନିଟ୍ ସମ୍ବଳିତ ୫ଟି ପ୍ରମୁଖ ପ୍ରକଳ୍ପର କାର୍ଯ୍ୟ ଜାରି ରହିଛି । ଖାରବେଳ ଏନକ୍ଲେଭ , ଜାଗମରା, ଭୁବନେଶ୍ୱରରେ ୬୨.୫୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୦୪ଟି ଉଚ୍ଚ ଆୟକାରୀ (ଏଚ୍ ଆଇ ଜି) ଆପାର୍ଟମେଂଟ ବିଶିଷ୍ଟ ଏହି ପ୍ରକଳ୍ପ ହସ୍ତାନ୍ତର ପର୍ଯ୍ୟାୟରେ ପହଞ୍ଚିଛି ଏବଂ ୩୦ ଜଣ ବ୍ୟକ୍ତିଙ୍କୁ ଆପାର୍ଟମେଂଟ ହସ୍ତାନ୍ତର କରାଯାଇଛି । ଅନୁଗୁଳ ଏନକ୍ଲେଭ: ୧୪.୫୫ କୋଟି ଟଙ୍କା ବିନିଯୋଗରେ ୬୧୩ଟି ଆବାସିକ ଗୃହ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି । ଏଥିମଧ୍ୟରୁ ୨୨୮ଟି ୟୁନିଟ୍‌ର ନିର୍ମାଣ ଶେଷ ହୋଇଥିବା ବେଳେ ଡିସେମ୍ବର ୨୦୨୬ ସୁଦ୍ଧା ଏହାର ପୋଜେସନ (ଦଖଲ) ମିଳିବ ବୋଲି ଆଶା କରାଯାଉଛି । ବାକି ୟୁନିଟ୍‌ଗୁଡ଼ିକ ଡିସେମ୍ବର ୨୦୨୭ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ବାସୁଦେବ ବିହାର ପ୍ଲଟେଡ୍ ଡେଭଲପମେଂଟ ସ୍କିମ୍ ଅନ୍ଧାରୁଆ ଠାରେ ୨୭.୨୭ କୋଟି ଟଙ୍କା ବ୍ୟୟରେ ୨୦୬ଟି ଆବାସିକ ପ୍ଲଟ ପ୍ରଦାନ କରାଯିବ ଏବଂ ଜୁଲାଇ ୨୦୨୬ରୁ ଏହାର ପୋସେସନ ପ୍ରକ୍ରିୟା ଆରମ୍ଭ ହେବ । ଗାଡ଼କଣ ଗୃହ ନିର୍ମାଣ ପ୍ରକଳ୍ପ ଭୁବନେଶ୍ୱରରେ ୧୮୯.୨୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏକ ପ୍ରକଳ୍ପରେ ୩୩ଟି ଆବାସିକ ୟୁନିଟ୍ ସହ ବ୍ୟବସାୟିକ କ୍ଷେତ୍ର ଉପଲବ୍ଧ ହେବ । ବୈଧାନିକ ମଞ୍ଜୁରୀ ଏବଂ ଓରେରା ପଞ୍ଜୀକରଣ ଶେଷ ହେବା ପରେ ଜୁଲାଇ ୨୦୨୬ରେ ଏହାର ଶୁଭାରମ୍ଭ କରାଯିବ ।

# ଖୋର୍ଦ୍ଧା ରୋଡ୍ ରେଳଷ୍ଟେସନ ନିରୀକ୍ଷଣ କଲେ ମହାପ୍ରବନ୍ଧକ

**ଭୁବନେଶ୍ୱର,୨।୬ (ମହାଭାରତ):** ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଶନିବାର ଖୋର୍ଦ୍ଧା ରୋଡ୍ ରେଳଷ୍ଟେସନର ଏକ ବ୍ୟାପକ ନିରୀକ୍ଷଣ କରିଛନ୍ତି । ଯାତ୍ରୀମାନଙ୍କ ସୁବିଧା ସୁଯୋଗ, ସୁରକ୍ଷା ବ୍ୟବସ୍ଥା, ଷ୍ଟେସନର ବିଭିନ୍ନ ସୁବିଧା, ସ୍ୱଚ୍ଛତା ଏବଂ କ୍ୟାଟେରିଂ (ଖାଦ୍ୟପେୟ) ସେବାର ସମୀକ୍ଷା ଉପରେ ଏହି ପରିଦର୍ଶନରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏହି ପରିଦର୍ଶନ ସମୟରେ ଶ୍ରୀ ଫୁଙ୍କୱାଲ ଷ୍ଟେସନର ବିଭିନ୍ନ ଅଂଚଳ ଯଥା- ବୁକିଂ ଅଫିସ୍, ଯାତ୍ରୀ ପ୍ରତୀକ୍ଷାଳୟ, ସର୍କୁଲେଟିଂ ଏରିଆ ବା ଚଳପ୍ରଚଳ ଏରିଆ (ଷ୍ଟେସନ ସମ୍ମୁଖ ଭାଗ), ଫୁଟ୍ ଓଭରବ୍ରିଜ୍, ପ୍ଲାଟଫର୍ମ ଏବଂ କ୍ୟାଟେରିଂ ୟୁନିଟ୍ ଗୁଡ଼ିକ ବୁଲି ଦେଖିଥିଲେ । ସେ ସେଠାରେ ଅଧିକାରୀମାନଙ୍କ ସହ ଆଲୋଚନା କରିବା ସହ ଷ୍ଟେସନରେ ଯାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଥିବା ସେବାର ଗୁଣବତା ସମୀକ୍ଷା କରିଥିଲେ ।



ମହାପ୍ରବନ୍ଧକ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ, ସ୍ୱଚ୍ଛତା ଏବଂ ଷ୍ଟେସନ ପରିସରର ରକ୍ଷଣାବେକ୍ଷଣ ସମ୍ପର୍କିତ ବ୍ୟବସ୍ଥାଗୁଡ଼ିକର ସମୀକ୍ଷା କରିଥିଲେ । ଏହାସହ ସେ ଯାତ୍ରୀ ଓ କ୍ୟାଟେରିଂ ଷ୍ଟଲର କର୍ମଚାରୀମାନଙ୍କ ସହ ମଧ୍ୟ କଥା ହୋଇଥିଲେ ଏବଂ ଷ୍ଟେସନରେ ପ୍ରଦାନ କରାଯାଉଥିବା ସେବାର ମାନ ପରଖିଥିଲେ । ସ୍ୱଚ୍ଛତା, ଯାତ୍ରୀ ସୁବିଧା ଏବଂ ଗ୍ରାହକ ସନ୍ତୋଷର ଉଚ୍ଚ ମାନ ବଜାୟ ରଖିବା ଉପରେ ସେ ଗୁରୁତ୍ୱ ଆରୋପ କରିବା ସହ ଯାତ୍ରୀମାନଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୁରକ୍ଷିତ, ଦକ୍ଷ ଏବଂ ଆରାମଦାୟକ ରେଳ ସେବା ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ବ୍ୟବସ୍ଥା ଏବଂ ଯାତ୍ରୀ ସୁବିଧାଗୁଡ଼ିକର ନିରନ୍ତର ଅନୁଧ୍ୟାନର ଆବଶ୍ୟକତା ଉପରେ ମହାପ୍ରବନ୍ଧକ ଜୋର ଦେଇଥିଲେ । ଯାତ୍ରୀ-କୈନ୍ଦ୍ରିକ ବିକାଶ ଏବଂ ସେବା କ୍ଷେତ୍ରରେ ଶ୍ରେଷ୍ଠତା ଉପରେ ବିଶେଷ ଧ୍ୟାନ ଦେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ପରିଦର୍ଶନ ସମୟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ (ଡିଆରଏମ୍) ଡି. ସୁନୀଲ ମହାପ୍ରବନ୍ଧକଙ୍କ ସହ ଉପସ୍ଥିତ ଥିଲେ ଏବଂ ବିଭିନ୍ନ ବିକାଶମୂଳକ ଓ ଉନ୍ନତ ପରିଚାଳନା ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ ।

# ମୋଟାପା ନିବାରଣ ଶିବିର ଅନୁଷ୍ଠିତ

**ଭୁବନେଶ୍ୱର,୨।୬ (ମହାଭାରତ):** ମୋଟାପା ବା ମୋଟାପଣ ଅବସ୍ଥା ଯୋଗୁଁ ବହୁ ଲୋକ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥା'ନ୍ତି । ଏହାର ସମାଧାନ ଓ ନିବାରଣ ପାଇଁ ଖାଦ୍ୟପେୟ ଓ ଦିନଚର୍ଯ୍ୟାରେ ଶୃଙ୍ଖଳା ସହିତ ନିୟମିତ ଯୋଗାଭ୍ୟାସ ଓ ସଚେତନତା ଜରୁରୀ । 'ଭାରତୀୟ ଯୋଗ ସଂସ୍ଥାନ, ଓଡ଼ିଶା ପ୍ରାନ୍ତ ' ଅଧିନସ୍ଥ ଭୁବନେଶ୍ୱର ନୟାପଲ୍ଲୀ ଯୋଗ ଜିଲ୍ଲା ଏବଂ ବରମୁଣ୍ଡା ଯୋଗ ଜିଲ୍ଲାର ମିଳିତ ଆନୁକୂଲ୍ୟରେ ମଇ ୨୭ ଓ ୨୮ ତାରିଖରେ ଅନୁଷ୍ଠିତ ଦ୍ୱିଦିବସୀୟ 'ମୋଟାପା ରୋଗ ନିବାରଣ ଶିବିର'ରେ ଏ ସଂପର୍କରେ ଯୋଗାଭ୍ୟାସ ଓ ସଚେତନ କରାଯାଇଛି ।

ଗୁରୁବାର ସକାଳେ ସ୍ଥାନୀୟ ଭି.ଆଇ.ପି ପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଥିବା ଯୋଗ ଶିବିରରେ ଏକ ଶୃଙ୍ଖଳିତ ପରିବେଶ ମଧ୍ୟରେ ଦୁଇ ଯୋଗ ଜିଲ୍ଲାର ପ୍ରତ୍ୟେକ ସଦସ୍ୟ ସଦସ୍ୟା ଯୋଗ ଦେଇ ଯୋଗ ମାଧ୍ୟମରେ ସୁସ୍ଥ ଏବଂ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତି ଜନ ସମାଜକୁ ଜାଗୃତ କରାଇବାର ଏକ ସୁନ୍ଦର ପ୍ରଚେଷ୍ଟା କରିଥିଲେ । ଦୁଇ ଦିନ ବ୍ୟାପି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାନ୍ତ ସଦସ୍ୟା ଶ୍ରୀମତୀ ମଞ୍ଜୁଳା ମିଶ୍ର , ବରମୁଣ୍ଡା ଯୋଗ ଜିଲ୍ଲା ପ୍ରଧାନ ପ୍ରଦୀପ୍ତ କୁମାର ମହାନ୍ତି ଏବଂ ନୟାପଲ୍ଲୀ ଯୋଗ ଜିଲ୍ଲା ପ୍ରଧାନ ଜ୍ୟୋତିର୍ମୟ ରଥ ପ୍ରମୁଖ ଯୋଗ ଦେଇ 'ମୋଟାପା' ରୋଗ ନିବାରଣ ଉପରେ ବିଶେଷ ଆଲୋକପାତ କରିବା ସହ ନିଜ ନିଜର ଖାଦ୍ୟପେୟ, ଦିନଚର୍ଯ୍ୟା, ଶୃଙ୍ଖଳିତ ଜୀବନ ଏବଂ ଯୋଗ ମାଧ୍ୟମରେ କିପରି ଏହାକୁ ନିବାରଣ ଏବଂ ନିୟନ୍ତ୍ରଣ କରିହେବ, ସେ ସମ୍ପର୍କରେ ନିଜର ବାର୍ତ୍ତା ସୁନ୍ଦର ଭାବେ ଉପସ୍ଥାପନା କରି ମୂଲ୍ୟବାନ ପରାମର୍ଶ ଦେଇଥିଲ । ଶିବିରରେ ପ୍ରାନ୍ତ ସଦସ୍ୟା ଶ୍ରୀମତୀ ମିଶ୍ରଙ୍କ ସମେତ ଯୋଗ ସଂସ୍ଥାନର ଅଧିକାରୀମାନେ ସମସ୍ତଙ୍କୁ ଏହି 'ମୋଟାପା' ରୋଗ ସମ୍ବନ୍ଧୀୟ ବିଭିନ୍ନ ଯୋଗାଭ୍ୟାସ କରାଇଥିଲେ । କାର୍ଯ୍ୟକ୍ରମରେ ଦୁଇ ଯୋଗ ଜିଲ୍ଲାର ଅଧିକାରୀ ଜୟଶ୍ରୀ ପଣ୍ଡା , ଶ୍ରୀମତୀ ଜ୍ୟୋତିର୍ମୟୀ ମହାପାତ୍ର ଏବଂ ଶ୍ରୀମତୀ ମମତା ଦାଶଙ୍କ ସମେତ କ୍ଷେତ୍ର, କେନ୍ଦ୍ର ଅଧିକାରୀ ଏବଂ ସାଧକ, ସାଧିକାଙ୍କ ସହ ମୋଟ ୧୫୦ ଜଣ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ । ପ୍ରଥମ ଦିନ କାର୍ଯ୍ୟକ୍ରମକୁ ଶ୍ରୀମତୀ ଶୁଭ୍ରସିମା ମହାନ୍ତି ଏବଂ ଦ୍ୱିତୀୟ ଦିବସକୁ ଡକ୍ଟର ଜ୍ୟୋତିର୍ମୟୀ ଦାସ ସଞ୍ଚାଳକ ଦାୟିତ୍ୱ ନିର୍ବାହ କରିଥିଲେ ।

# ଭୋଟ ବ୍ୟାଙ୍କ ଯୋଜନା

ରାଜନୈତିକ ଦଳମାନେ ଭୋଟ ବ୍ୟାଙ୍କ ପାଇଁ ଯୋଜନା କରୁଛନ୍ତି। ଆମ ଲୋକଙ୍କ ମାନସିକତା ବି ତଦ୍ରୂପ। ସେମାନେ ଚାହାଁନ୍ତି ତତ୍କାଳ ଲାଭ। ଯିଏ ସେମାନଙ୍କୁ ନିର୍ବାଚନ ବେଳେ ଟଙ୍କା, ଚାଉଳ, ଭୋଜିଭାତରେ ଆପ୍ୟାୟିତ କଲା, ତାଙ୍କୁ ଲୋକେ ଭୋଟ ଦେଲେ। ଲୋକଙ୍କ ଏଭଳି ମାନସିକତାକୁ ଦେଖି ରାଜନୈତିକ ଦଳମାନେ ବିଭିନ୍ନ ସମୟରେ ଲୋକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଇ ଭୋଟ କିଣିବାରେ ଅଭ୍ୟସ୍ତ ହୋଇଗଲେଣି। ଏକ ଜନକଲ୍ୟାଣକାରୀ ରାଷ୍ଟ୍ରରେ ଲୋକଙ୍କୁ ମାଗଣା ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଦେବାର ଦାୟିତ୍ୱ ସରକାରଙ୍କର। ଏହା ସେମାନଙ୍କର ମୌଳିକ ଅଧିକାର। କିନ୍ତୁ ମାଗଣା ଜୋତ, ମାଗଣା ସାଇକେଲ ଲାପଟପ, ସୁନା ଚେନ, ଲୋକଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପଠାଯିବ ଜନକଲ୍ୟାଣ ନୁହେଁ, ଏହା ଏକ ପ୍ରକାର ଲାଞ୍ଚ କାରବାର ବୋଲି କୁହାଯାଇପାରିବ। ଏଥିରେ ସବୁ ଦଳ ସମ୍ପୃକ୍ତ। ଯିଏ ଯେତେବେଳେ ଯେଉଁଠି ଶାସନ କ୍ଷମତା ଦଖଲ କଲା, ସେଠାରେ ସେ ଏଭଳି ମାଗଣା ଯୋଜନା କାର୍ଯ୍ୟକାରୀ କଲା। ନିର୍ବାଚନ ପୂର୍ବରୁ ରାଜନୈତିକ ଦଳମାନେ ନିଜ ନିଜ ଭିତରେ ପ୍ରତିଯୋଗିତା କରି ଲୋଭନୀୟ ପ୍ରତିଶ୍ରୁତି ଦେଉଛନ୍ତି। ଭୋଟରମାନେ ନିର୍ବାଚନ ଇସ୍ତାହାରକୁ ଦେଖି ଖୋଜୁଛନ୍ତି କେଉଁ ଦଳ କ'ଣ ଦେବେ। ଏହାକୁ ଆଧାର କରି ସାଧାରଣ ଲୋକେ ଭୋଟ ଦେଉଛନ୍ତି। ଲୋକେ ଭୋଟ ଦେବା ବେଳେ ବ୍ୟକ୍ତିଗତ ଲାଭକୁ ଦେଖୁଛନ୍ତି। ଦେଶର ବିକାଶ ଏବଂ ସୁଶାସନକୁ ସେମାନେ ଗୁରୁତ୍ୱ ଦେଉ ନାହାଁନ୍ତି। ଏଥିପାଇଁ ଲୋକଙ୍କୁ ଦୋଷ ଦେଇ ଲାଭ ନାହିଁ। ଆମ ଦେଶର ନେତା, ରାଜନୈତିକ ଦଳମାନେ ଲୋକଙ୍କୁ ଏଭଳି ମାନସିକତା ଗ୍ରହଣ କରିବାକୁ ବାଧ୍ୟ କରିଛନ୍ତି। ସେମାନେ ନିଜ ଫାଇଦା ପାଇଁ ଲୋକଙ୍କୁ ଏପରି ନୀତି ଗ୍ରହଣ କରିବାକୁ ପରିସ୍ଥିତି ସୃଷ୍ଟି କରିଛନ୍ତି। ଦିଲ୍ଲୀରେ ୨୦୦ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେଇ ଅରବିନ୍ଦ କେଜରିୱାଲ ନିର୍ବାଚନ ଜିତିଲେ। ଏହାକୁ ଦେଖି ଅନ୍ୟ ଦଳମାନେ ମଧ୍ୟ ଭିନ୍ନ ମିନ୍ନ ରାଜ୍ୟରେ ଏଭଳି ପ୍ରତିଶ୍ରୁତି ଦେବାକୁ ଚାହିଁଲେ। ଲୋକେ ମଧ୍ୟ କହୁଛନ୍ତି, ଯଦି ଦିଲ୍ଲୀରେ ମାଗଣା ବିଜୁଳି ଦିଆଯାଉଛି, ଓଡ଼ିଶାରେ କାହିଁକି ଏହା ସମ୍ଭବ ନୁହେ? କିନ୍ତୁ ବିଜୁଳି ଉତ୍ପାଦନ ଲାଗି ବିପୁଳ ଅର୍ଥ ବ୍ୟୟ ହେଉଛି। ଏହାକୁ କିଏ ଭରଣା କରିବ? ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ଭଳି ଏହା ଲୋକଙ୍କ ମୌଳିକ ଅଧିକାର ପରିସରଭୁକ୍ତ ନୁହେଁ। ଏହା ଏକ ସେବା ଯାହାର ଗୁଣାତ୍ମକ ମାନ ବଜାୟ ରହିବା ଉଚିତ। ଏଥିପାଇଁ ସର୍ବନିମ୍ନ ଅର୍ଥ ପ୍ରଦାନ ଜରୁରୀ। ସମ୍ପୂର୍ଣ୍ଣ ମାଗଣା ବିଜୁଳି ସବୁଦିନ ସମ୍ଭବ ନୁହେଁ। ସେହିପରି ମହିଳାଙ୍କ ଖାତାକୁ ସମର ବୋନାଞ୍ଜା ନାମରେ ୨ ହଜାର ଟଙ୍କା ଲେଖାଏଁ ପଠାଇବା ଜନକଲ୍ୟାଣ ନୁହେଁ। କୋଭିଡ ସମୟରୁ କେନ୍ଦ୍ର ସରକାର ଦେଶର ୮୦ କୋଟି ଗରିବଙ୍କୁ ପ୍ରତି ମାସରେ ମୁଣ୍ଡପିଛା ୫ କେଜି ରାସନ ଦେଉଛନ୍ତି। କୋଭିଡ ମହାମାରୀ ଚାଲିଯିବା ପରେ ମଧ୍ୟ ଏହା ଜାରି ରହିଛି। ଏହା ହେଉଛି ସମସ୍ୟା। ଥରେ ଲୋକଙ୍କୁ ମାଗଣା ମିଳିଲେ ସେମାନେ ସବୁ ବେଳେ ଏହା ପାଇବାକୁ ଚାହିଁବ। ଏହାକୁ ଯିଏ ପ୍ରତ୍ୟାହାର କରିବ ସେ କ୍ଷମତାଚ୍ୟୁତ ହେବ। କିନ୍ତୁ ମାଗଣା ବଣ୍ଟନ ଦ୍ୱାରା ଦେଶରେ ଏକ ପରଜୀବୀ ଶ୍ରେଣୀ ସୃଷ୍ଟି ହେଉଛନ୍ତି। ନିକଟରେ ସୁପ୍ରିମକୋର୍ଟ ଏ ସମ୍ପର୍କିତ ଏକ ମାମଲାର ଶୁଣାଣୀ ବେଳେ ଏଭଳି ମନ୍ତବ୍ୟ ଦେଇଛନ୍ତି। ମାଗଣା ବଣ୍ଟନ ଦ୍ୱାରା ରାଜକୋଷ ଶୂନ୍ୟ ହୋଇଯାଉଛି। ବିକାଶ ମୂଳକ କାମ ପାଇଁ ଟଙ୍କା ନାହିଁ। ସରକାରଙ୍କୁ ବାଧ୍ୟ ହୋଇ ଲୋକଙ୍କ ଉପରେ ଟିକସ ବଢ଼ାଇବାକୁ ପଡୁଛି। ଏହା ବନ୍ଦ ହେବା ଉଚିତ। ପ୍ରତି ରାଜ୍ୟ ସରକାର ନିଜ ରାଜସ୍ୱର ଅତି କମରେ ୨୫ ପ୍ରତିଶତ ବିକାଶ ପାଇଁ ଖର୍ଚ୍ଚ କରିବାକୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି। ଏକ ବିକାଶମୁଖୀ ରାଷ୍ଟ୍ରରେ ଏଭଳି ମାଗଣା ଯୋଜନା କଦାପି ଗ୍ରହଣୀୟ ନୁହେଁ।

# କିମ୍ବଦନ୍ତୀ ଓ କାହାଣୀର ମହାନାୟକ

॥ ସୁମନ୍ତ କୁମାର ଭୂୟାଁ ॥

"୧୯୨୬ର କଥା। ମହାତ୍ମା ଗାନ୍ଧୀ କଟକ ଆସିଥାଆନ୍ତି। ବାଳକ ବିଜୁଙ୍କ ଇଛା ଗାନ୍ଧିଜୀଙ୍କୁ ଭେଟିବେ। ହେଲେ ପୁଲିସ୍ ଛାଡୁ ନଥାଏ। ଡେଙ୍ଗା-ପତଳା ବିଜୁ ଭିଡ ଠେଲି ମାଡ଼ିଚାଲିଲେ ଆଗକୁ ଗୋରା ପୁଲିସ୍‌ଙ୍କ ଲାଠିକୁ ଖାତର ନକରି। ଉପସ୍ଥିତ ପୁଲିସ ବାବୁ ରାଗିଯାଇ ଲାଠିରେ ତାଙ୍କ ମୁଣ୍ଡକୁ ପାହାରେ ପକାଇଲେ। ମୁଣ୍ଡରୁ ବୋହିଗଲା ଝର ଝର ଲହୁ। ହେଲେ ଭୟ ନକରି ଗାନ୍ଧିଜୀଙ୍କ ପାଖରେ ପହଞ୍ଚିଗଲେ ବିଜୁ। ଗାନ୍ଧୀ ମହାତ୍ମା ପୁଲିସ ବାବୁଙ୍କୁ ଭର୍ତ୍ସନା କରିବା ସହ ବିଜୁଙ୍କ ମୁଣ୍ଡରୁ ରକ୍ତ ପୋଛି ଆଶୀର୍ବାଦ ଦେଇଥିଲେ। ପ୍ରଥମ ମହାଯୁଦ୍ଧ ପରବର୍ତ୍ତୀ ସମୟର ଘଟନା।

ବିଜୁଦା, ବିଜୁ ପଟ୍ଟନାୟକ ଓ ବିଜୁ ବାବୁ ଏହିପରି କିଛି ନାମରେ ପରିଚିତ ଥିଲେ ଅନେକ କିମ୍ବଦନ୍ତୀ କାହାଣୀର ସ୍ରଷ୍ଟା ମହାନାୟକ ପ୍ରଖ୍ୟାତ ସ୍ୱାମୀମାନି ରାଜନେତା ବିଜୁବାବୁ। ସେ ଥିଲେ ଏପରି ଜଣେ ଚରିତ୍ର ଯିଏକି ଭୂମିରୁ ଭୂମା ପର୍ଯ୍ୟନ୍ତ ଥିଲା ତାଙ୍କ ବ୍ୟକ୍ତିତ୍ୱ। କେବଳ ଓଡ଼ିଶାର ଘରେ ଘରେ ନୁହେଁ ବା ଭାରତର ରାଜନୀତି କ୍ଷେତ୍ରରେ ନୁହେଁ ବିଶ୍ୱ ଇତିହାସରେ ବିଜୁ ବାବୁ ଜଣେ ଏପରି ନାମ ଯାହାଙ୍କ ଉପରେ ଏବେ ବି ଚର୍ଚ୍ଚା, ଆଲୋଚନା, ବିଶ୍ଳେଷଣ ଓ ଗବେଷଣା ଚାଲୁ ରହିଛି। ସେ ଥିଲେ ଜଣେ ବିନ୍ଦାସ ଓ ଖୋଲାମେଲା ଚରିତ୍ରର ଅଦ୍ଭୁତପୂର୍ବ ବ୍ୟକ୍ତିତ୍ୱ। ପିଲାଦିନରୁ ଦୃଢ଼ ସାହାସୀ, ଖୋଲା ଖର୍ଚ୍ଚୀ, ରୋକଠୋକ କଥା ଯାହାକି ତାଙ୍କ ତମାମ ଜୀବନକୁ ସଫଳତା ଦେଇଛି ଆଉ ବିଫଳତାର କାହାଣୀ ବି ଲେଖିଛି। ଅଜଣା ମୂଳକର ଜଣେ ମାମୁଲି ଆଦିବାସୀ ମହିଳାଙ୍କୁ ସେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ନିଯୁକ୍ତି ଦେବା ହେଉ ବା କେନ୍ଦ୍ର ରାଜ୍ୟର ସମ୍ପର୍କ ସ୍ୱାଭିମାନରେ ମୁଁ ପାହାଡ଼ ବିକି ଦେଇ ରାଜ୍ୟ ଚଳେଇ ନେବି ପରି ବିତର୍କିତ ମନ୍ତବ୍ୟ ହେଉ ବା ଓଡ଼ିଆ ଟୋକା ସବୁବେଳେ ଖାଣ୍ଟି ଓଡ଼ିଆ ହୁଅ ରୋକଠୋକ ଜବାବ ଦେଇ ସେ ପାଲଟିଥିଲେ ଜଣେ ନିର୍ଭିକ ବ୍ୟକ୍ତିତ୍ୱ।

ଆଜିକାର ରାଜନେତାମାନେ ରାଜନୀତି ପାଇଁ କୋଠି କରୁଛନ୍ତି କିନ୍ତୁ ସେ ରାଜନୀତି ପାଇଁ ନିଜ କୋଠା ବିକ୍ରି କରିଦେଇଥିଲେ। ଯେତେବେଳେ ଯିଏ ବି ତାଙ୍କୁ ହାତ ପାତିଛି ପକେଟରୁ ପଇସା କାଢ଼ି ସବୁ ଅର୍ଥ ତା ହାତକୁ ଦେଇଛନ୍ତି। ଏକ ମଞ୍ଚରେ ଜଣେ ଉଦଭ୍ରାନ୍ତ ଯୁବକ ସର୍ବ ସମ୍ମୁଖରେ ଚାପୁଡ଼ା ମାରିଥିଲେ କିନ୍ତୁ ସେ ତାଙ୍କୁ ଦଣ୍ଡିତ ନକରି ଇଏ ବିଜୁକୁ ହାତ ଉଠାଇଛି ମାନେ ତାକୁ ପୁରସ୍କାର ଦେଇଥିଲେ ଏଭଳି ରାଜନେତା ଆଉ କ'ଣ ମିଳିବେ? ମୁଖ୍ୟମନ୍ତ୍ରୀ ଥିବାବେଳେ ତାଙ୍କୁ ବିରୋଧ କରିବା ପାଇଁ ଯାଇଥିବା ଚାଷୀଙ୍କୁ ରାସ୍ତା ଉପରେ ଡାକି ଆଲୋଚନା କରି ସମାଧାନ କରିଥିଲେ ସେମାନଙ୍କର ଦୁଃଖ। ଏହି ଲେଖକ ଛାତ୍ର ରାଜନୀତି କରୁଥିବାବେଳେ ବିଜୁ ବାବୁଙ୍କ ଘନିଷ୍ଠତାର କିଛି ମୁହୂର୍ତ୍ତ ପାଇଥିଲେ। ଯାହାଙ୍କ ନାମରେ ଗଠିତ ବିଜୁ ଜନତା ଦଳ ଆଜି ଭାରତୀୟ ରାଜନୀତିରେ ଏକ ପ୍ରଭାବୀ ଓ ଦୃଢ଼ ନେତୃତ୍ୱପୂର୍ଣ୍ଣ ଆଞ୍ଚଳିକ ଦଳ ଭାବେ ମୁଣ୍ଡ ଟେକିଛି ଯାହା ଆଗରେ ଜାତୀୟ ଦଳମାନେ ଏକ ପ୍ରକାର ମୁଣ୍ଡ ନୋଇଁବାକୁ ବାଧ ହୋଇଛନ୍ତି। ଇଏ ଥିଲେ ସେହି ବିଜୁ ଯିଏ କି ତାଙ୍କ ସମୟରେ ଓ ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀଙ୍କୁ ହାତଯୋଡ଼ି ସମ୍ମାନ ଜଣାନ୍ତି ନାହିଁ। ବେସାଲିସ, ରୋକଠୋକ କଥା କୁହନ୍ତି। ସେ ସ୍ୱର୍ଗତ ଜ୍ୟୋତିବସୁ ହୁଅନ୍ତୁ ବା ଦେବଗୌଡ଼ା, ଭି.ପି.ସିଂହ ହୁଅନ୍ତୁ ବା ଲାଲୁପ୍ରସାଦ ଯାଦବ, ବାଜପେୟୀ ହୁଅନ୍ତୁ ବା ଆଡ଼ଭାନୀ, ସୁରଜିତ ସିଂହ ବର୍ଣ୍ଣାଲ ହୁଅନ୍ତୁ ବା ନମ୍ବୁଦି ପଦ ସମସ୍ତଙ୍କ ସହ ସେ ବେଶ ଖୋଲା ସମ୍ପର୍କ ରଖିଥିଲେ।

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଥିଲେ ସାହସୀ, ସ୍ୱାଭିମାନୀ, ଯୁଗସ୍ରଷ୍ଟା ଓ ଦୂରଦ୍ରଷ୍ଟା। ଓଡ଼ିଆ ଜାତି ତଥା ଓଡ଼ିଶାର ଉତ୍‌ଥାନ ପାଇଁ ଆଜୀବନ ଉଦ୍ୟମ କରିଥିବା ମହାନ ନେତାଙ୍କ ମଧ୍ୟରେ ସେ ଅନ୍ୟତମ। ଶୈଶବରୁ ସେ ଥିଲେ ଦୁଃସାହସୀ। ତାଙ୍କର ଦୁଃସାହସ ସଂପର୍କିତ କେତୋଟି ଘଟନା ସଂକ୍ଷେପରେ ଜାଣିବା ହେଉ। ଥରେ ବ୍ରାହ୍ମଣୀ ଓ ବୈତରଣୀ ନଦୀରେ ପ୍ରବଳ ବନ୍ୟା ଆସିଲା। ବନ୍ୟା ଆସିଲେ ଉତ୍କଳ ମଣି ଗୋପବନ୍ଧୁ ବିପନ୍ନଙ୍କୁ ସହାୟତା ଯୋଗାଇବା ପାଇଁ ଡଙ୍ଗାରେ ଚୁଡ଼ା, ଚାଉଳ ଓ ଅନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ନେଇ ବାହାରିପଡ଼ନ୍ତି। ଥରେ ସେ ବରୀ ଅଞ୍ଚଳକୁ ବାହାରିଲେ। ସଙ୍ଗରେ ଥିଲେ ବାର ବର୍ଷ ବୟସ୍କ ବିଜୁଙ୍କ ସହ ଆଉ କିଛି ଛାତ୍ର। ଉଛୁଳା ନଦୀ, ମଝିରେ ମଝିରେ ଜୋରରେ ପବନ ବୋହୁଥାଏ। ଖରାରୁ ରକ୍ଷା ପାଇବା ପାଇଁ ଗୋପବନ୍ଧୁ ଛତା ଧରି ବସିଥାନ୍ତି ଡଙ୍ଗାର ମଙ୍ଗରେ। ହଠାତ୍ ପବନ ମାଡ଼ରେ ତାଙ୍କ ହାତରୁ ଛତାଟି ଖସିଯାଇ ପଡ଼ିଲା ପାଣିରେ ଏବଂ ଭାସି ଚାଲିଲା ସୁଅରେ। ତାହା ଦେଖି, କେହି କିଛି ବୁଝିବା ପୂର୍ବରୁ ଭରା ନଦୀ ଗର୍ଭକୁ ଲମ୍ଫ ଦେଇଥିଲେ ବିଜୁ। କିଛି ସମୟ ପରେ ଛତା ଧରି ଫେରିଥିଲେ ଡଙ୍ଗାକୁ। ତାଙ୍କ ଦୁଃସାହାସ ଦେଖି ସେ ଦିନ ଚମତ୍କୃତ ହୋଇଥିଲେ ଗୋପବନ୍ଧୁ ଏବଂ ଦିନେ ଓଡ଼ିଆ ଜାତିର ଟେକ ରଖିବୁ କହି ଆଶୀର୍ବାଦ କରିଥିଲେ।

୧୯୨୬ର କଥା। ମହାତ୍ମା ଗାନ୍ଧୀ କଟକ ଆସିଥାଆନ୍ତି। ବାଳକ ବିଜୁଙ୍କ ଇଛା ଗାନ୍ଧିଜୀଙ୍କୁ ଭେଟିବେ। ହେଲେ ପୁଲିସ୍ ଛାଡୁ ନଥାଏ। ଡେଙ୍ଗା-ପତଳା ବିଜୁ ଭିଡ ଠେଲି ମାଡ଼ିଚାଲିଲେ ଆଗକୁ ଗୋରା ପୁଲିସ୍‌ଙ୍କ ଲାଠିକୁ ଖାତର ନକରି। ଉପସ୍ଥିତ ପୁଲିସ ବାବୁ ରାଗିଯାଇ ଲାଠିରେ ତାଙ୍କ ମୁଣ୍ଡକୁ ପାହାରେ ପକାଇଲେ। ମୁଣ୍ଡରୁ ବୋହିଗଲା ଝର ଝର ଲହୁ। ହେଲେ ଭୟ ନକରି ଗାନ୍ଧିଜୀଙ୍କ ପାଖରେ ପହଞ୍ଚିଗଲେ ବିଜୁ। ଗାନ୍ଧୀ ମହାତ୍ମା ପୁଲିସ ବାବୁଙ୍କୁ ଭର୍ତ୍ସନା କରିବା ସହ ବିଜୁଙ୍କ ମୁଣ୍ଡରୁ ରକ୍ତ ପୋଛି ଆଶୀର୍ବାଦ ଦେଇଥିଲେ। ପ୍ରଥମ ମହାଯୁଦ୍ଧ ପରବର୍ତ୍ତୀ ସମୟର ଘଟନା। ବାଲିଯାତ୍ରା ପଡ଼ିଆରେ ପ୍ରଥମଥର ପାଇଁ ବିମାନଟିଏ ଅବତରଣ କରିଥାଏ। ବିମାନ ଦେଖିବା ଲାଗି ନାହିଁ ନଥିବା ଭିଡ। ବିଜୁଙ୍କ ଇଛା ପାଖରୁ ଦେଖିବେ। ପୁଲିସ୍‌କୁ ନମାନି, ବାଡ଼ ଭାଙ୍ଗି ବିମାନ ନିକଟରେ ପହଞ୍ଚି ପାରିଥିଲେ।

ପରିଣାମ ସ୍ୱରୂପ ପିଠିରେ ପଡ଼ିଥିଲା ଲାଠି ପାହାର। ସେହି ଦିନ ପ୍ରତିଜ୍ଞା କରିଥିଲେ ବୈମାନିକ ହେବେ ହୋଇଥିଲେ ମଧ। ଏମିତି ସେମିତି ବୈମାନିକ ନୁହେଁ ବହୁତ କିଛି କରିବାର ସାମର୍ଥ୍ୟ ରଖିଥିବା ବୈମାନିକ। ପଣ୍ଡିତ ନେହେରୁଙ୍କ ନିର୍ଦ୍ଦେଶରେ ଇଣ୍ଡୋନେସିଆରୁ ସେଠାକାର ପ୍ରଧାନମନ୍ତ୍ରୀ ସହରିର୍‌ଙ୍କୁ ଡଚ୍ ବାହିନୀ କବଳରୁ ଖସାଇ ବିମାନରେ ନେଇ ଆସିଥିଲେ ନୂଆଦିଲ୍ଲୀ। ସହଯୋଗୀ ଭାବେ ସଙ୍ଗରେ ଯାଇଥିଲେ ପତ୍ନୀ ଜ୍ଞାନ ଦେବୀ। ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମକୁ ତାଙ୍କର ଅବଦାନ ପାଇଁ ତାଙ୍କୁ ସେଠାକାର ସର୍ବୋଚ୍ଚ ଉପାଧି ଭୂମିପୁତ୍ରରେ ସମ୍ମାନିତ କରାଯାଇଥିଲା।

୧୯୪୬ରୁ ବିଜୁବାବୁଙ୍କ ରାଜନୈତିକ ଜୀବନର ଯାତ୍ରା ଯେମିତି ଆରମ୍ଭ ହୋଇଥିଲା। ସେଣ୍ଟ୍ରାଲ କଟକସଦର ଆସନରୁ କଂଗ୍ରେସ ପ୍ରାର୍ଥୀଭାବେ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୫୨ ପର୍ଯ୍ୟନ୍ତ ଏହାର ସଦସ୍ୟ ଥିଲେ। ପରେ ୧୯୫୨ରେ ଜଗନ୍ନାଥପ୍ରସାଦ ଆସନରୁ, ୧୯୫୭ ରେ ସୋରଡା ଆସନରୁ ଓ ୧୯୬୧ରେ ଚୌଦ୍ୱାର ଆସନରୁ କ୍ରମାଗତ ଭାବେ ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ। ୧୯୭୧ରେ ଉତ୍କଳ କଂଗ୍ରେସ ପ୍ରାର୍ଥୀ ଭାବେ ଉପନିର୍ବାଚନରେ ରାଜନଗର ଆସନରୁ ବିଜୟୀ ହୋଇଥିବା ବେଳେ ୧୯୭୪ରେ ସେହି ଆସନରୁ ପୁଣି ବିଧାନସଭାକୁ ଆସିଥିଲେ। କଟକରୁ ଗଞ୍ଜାମ ଓ ଗଞ୍ଜାମରୁ ପୁଣି କଟକ ହୋଇ କେନ୍ଦ୍ରାପଡ଼ା, ରାଜନୈତିକ ସଫଳତାର ଯାତ୍ରା ରଖିଥିବା ବିଜୁବାବୁ ୧୯୮୦ରେ ଚରଣ ସିଂଙ୍କ ନେତୃତ୍ୱାଧୀନ ଜନତା ପ୍ରାର୍ଥୀ ଭାବେ କେନ୍ଦ୍ରାପଡ଼ାର ପାଟକୁରା ଆସନରୁ ବିଜୟୀ ହୋଇଥିଲେ। ପରେ ୧୯୮୫, ୧୯୯୦ ଓ ୧୯୯୫ରେ କ୍ରମାଗତ ଭାବେ ତିନିଥର ଜନତା ଦଳର ପ୍ରାର୍ଥୀ ଭାବେ ଭୁବନେଶ୍ୱର ଆସନରୁ ବିଧାନସଭାକୁ ଆସିଥିଲେ। ଏହାରି ଭିତରେ ତାଙ୍କର ସଂସଦ ଅଭିଯାନ ମଧ ଚାଲିଥିଲା।

କେନ୍ଦ୍ରରେ ମନ୍ତ୍ରୀ ହେବା ସହିତ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୭୭ରେ ବିଜୁବାବୁ କେନ୍ଦ୍ରାପଡ଼ା ଲୋକସଭା ଆସନରୁ ବିଜୟୀ ହୋଇଥିବା ବେଳେ ୧୯୮୦ ଓ ୧୯୮୪ରେ ସେହି କେନ୍ଦ୍ରାପଡ଼ା ଆସନରୁ ଲୋକସଭାକୁ ବିଜୟୀ ହୋଇଥିଲେ। ୧୯୯୬ରେ ଉଭୟ ଆସିକା ଓ କଟକ ଲୋକସଭା ଆସନରେ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ପରବର୍ତ୍ତୀ ସମୟରେ କଟକ ଆସନଟି ଛାଡ଼ି ଦେଇଥିଲେ। ୧୯୪୬ରୁ ୧୯୯୭ ଯାଏଁ ରାଜନୈତିକ ଯାତ୍ରାରେ ବିଜୁବାବୁଙ୍କୁ ଯେତିକି ସଫଳତା ମିଳିଥିଲା ସେତିକି ବିଫଳତା ମଧ ମିଳିଥିଲା। ୧୯୬୧ ମସିହା ଜୁନ୍ ୨୩ ତାରିଖରୁ ୧୯୬୩ ମସିହା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସେ ପ୍ରଥମ ଦଫାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଦ୍ୱିତୀୟବାର କ୍ଷମତାକୁ ଆସିବା ପାଇଁ ତାଙ୍କୁ ଦୀର୍ଘବର୍ଷ ଲାଗିଯାଇଥିଲା।

୧୯୯୦ରେ ସେ ପୁଣି ମୁଖ୍ୟମନ୍ତ୍ରୀ ପଦ ଫେରି ପାଇଥିଲେ। କେନ୍ଦ୍ରରେ ସେ ମନ୍ତ୍ରୀ ହୋଇଥିଲେ ସତ କିନ୍ତୁ ଯେତେବେଳେ ଭାରତର ବର୍ଷର ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ଆସିଲା ସେତେବେଳେ ସେ ସେଥିରୁ ବଞ୍ଚିତ ହୋଇଥିଲେ। ହୋଇପାରେ ବିଧିର ବିଡ଼ମ୍ବନା ଥିଲା। ସେ ପ୍ରଧାନମନ୍ତ୍ରୀ ତିଆରି କରିଥିଲେ। ମାତ୍ର ନିଜେ ପ୍ରଧାନମନ୍ତ୍ରୀ ହୋଇପାରିନଥିଲେ। ୧୯୧୬ ମାର୍ଚ୍ଚ ୫ ତାରିଖରେ ସେ ଜନ୍ମ ହୋଇଥିଲେ।

ସାଇ ଭବନ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୯୩୭୪୭୦୯୮୦

# ଦାରାଧିନ ସ୍ତଥା ସ୍ୱର୍ଗଃ...

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ନାରୀଙ୍କୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ। ନାରୀଙ୍କୁ ତାଙ୍କ ମହାନୀୟତା ଅନୁଯାୟୀର ପ୍ରତିଷ୍ଠା ମଧ ଦିଆଯାଇଛି। ସତ୍ୟଯୁଗରେ ସାବିତ୍ରୀ, ତ୍ରେତୟା ଯୁଗରେ ସୀତା, ଅନୁସୂୟା, ଦ୍ୱାପରରେ କୁନ୍ତୀ, ଦ୍ରୌପଦୀ ଆଦି ନିଜ ନିଜର ପବିତ୍ରତା ଓ ପରାକାଷ୍ଠା ବଳରେ ଯୁଗେ ଯୁଗେ ବନ୍ଦିତ। ଇତିହାସରୁ ଜଣାଯାଏ ଝାନସୀରାଣୀ ଲକ୍ଷ୍ମୀବାଈ, ସରୋଜିନୀ ନାଇଡୁ, ଅରୁଣା ଆସଫ୍ ଅଲ୍ଲୀ, ସୁଚେତା କୃପାଳିନୀ, କମଳା ନେହେରୁ, କସ୍ତୁରବା ଗାନ୍ଧୀ, ମଦରଟେରେସା, ଇନ୍ଦିରାଗାନ୍ଧୀ, ନନ୍ଦିନୀ ଶତପଥୀ ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି।

ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମାନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି। ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା। ତେଣୁ ତ୍ରୈତ୍ତରୀୟ ପୁରାଣରେ ବର୍ଣ୍ଣିତ ଅଛି - 'ଅଯଜ୍ଞୋ ବା ଏଷ ପୋଞ୍ଚପତ୍ନୀକଃ।।' ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା। ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ। ନାରୀ ସର୍ବଦା କଲ୍ୟାଣକାରୀ। ସେ ପୂଜ୍ୟା। ଗୃହର ଦୀପ୍ତି। ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି। କୁହାଯାଏ - ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ। ମନୁ ସଂହିତାରେ ବର୍ଣ୍ଣିତ ଅଛି - 'ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି। ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ।

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ସମାଜ ପ୍ରତି ଗୁରୁବାଣୀ ପ୍ରଦାନ କରି କହିଛନ୍ତି 'ମଣିଷର କାମ ପ୍ରବୃତ୍ତିକୁ ଦମନ କରିବା ପାଇଁ ମାତୃ ଭାବ ଗୋଟିଏ ମହୌଷଧି ଭଳି କାର୍ଯ୍ୟ କରିଥାଏ। ମଣିଷର ଆଦି ବାକ୍‌ସ୍ଫୁରଣର ପ୍ରଥମ ଶବ୍ଦ ହେଉଛି ମାଆ।' ଏହା ନିଃସନ୍ଦେହ ମନ ଭିତରେ ମାତୃଭାବ ଜାଗରିତ ହେଲେ ମଣିଷର କୁପ୍ରବୃତ୍ତି ଅବଦମିତ ହୁଏ। ପ୍ରାଚୀନ ଇତିହାସର ତଥ୍ୟରୁ ଜଣାଯାଏ ମାଆ ଜଗତ୍‌ଜନନୀ ଦୁର୍ଗାଙ୍କର ବିଶ୍ୱବିମୋହନ ମାତୃମୂର୍ତ୍ତି ଦର୍ଶନ କରି ମହିଷାସୁରର ଉତ୍କଟ କାମ ପ୍ରବୃତ୍ତି ଅବଦମିତ ହୋଇଥିଲା। ସେହିପରି ଦୁରାଚାରୀ ରାବଣ ସତୀ ସୀତାଙ୍କୁ ଅପହରଣ କରିବା ପରେ ତାଙ୍କର ମାତୃତ୍ୱମୟୀ ବ୍ୟକ୍ତିତ୍ୱର ପ୍ରଭାବରେ ଅଭିଭୂତ ହୋଇ ତାଙ୍କୁ ମା' ବ୍ୟତୀତ ଆଉ କିଛି ବି ଭାବିପାରି ନଥିଲା। ପରମ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆମ ସମୟରେ ମାତୃ ଜାତିଙ୍କୁ ସମ୍ଭାଷଣ ପ୍ରଦାନରେ କହିଛନ୍ତି - 'ଝିଅ ମୋର, ତୁମର ସେବା, ତୁମର ଚାଲିବା, ତୁମର ଚିନ୍ତା, ତୁମର କହିବା - ପୁରୁଷ ଜନସାଧାରଣଙ୍କ ମଧ୍ୟରେ ଯେପରି ଏପରି ଗୋଟିଏ ଭାବର ସୃଷ୍ଟି କରେ - ଯେଉଁଥିରେ ସେମାନେ ଅବନତ ମସ୍ତକରେ, ନତଜାନୁ ହୋଇ ସସମ୍ଭ୍ରମେ, ଭକ୍ତି ଗଦ ଗଦ କଣ୍ଠରେ ମା'ମୋର, ଜନନୀ ମୋର, କହି ମୁଗ୍ଧ ହୁଅନ୍ତି, ବୁଦ୍ଧ ହୁଅନ୍ତି, ତୃପ୍ତ ହୁଅନ୍ତି, କୃତାର୍ଥ ହୁଅନ୍ତି - ତେବେ ହିଁ ତୁମେ ଝିଅ - ତେବେ ହିଁ ତୁମେ ସତୀ।'

ପରମପୁରୁଷ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦୃଷ୍ଟିରେ ନାରୀ ଓ ପୁରୁଷ ଉଭୟଙ୍କର ଉଲ୍ଲେଖଯୋଗ୍ୟ ସମାନ୍ତରାଳ ବୈଶିଷ୍ଟ୍ୟ ରହିଛି। ନାରୀ ଜୀବନର ବୈଶିଷ୍ଟ୍ୟ ହେଲା - ସ୍ନେହ, ମମତା, ପ୍ରୀତି, ପ୍ରେମ, ସେବା, ସଂରକ୍ଷଣ, ପ୍ରେରଣା ଓ ସୁପ୍ରଜନନ। କୁମାରୀ, ବଧୂ ଏବଂ ମାଆ ଭୂମିକାରେ ନାରୀର ଅବଦାନ ମନୁଷ୍ୟ ଜୀବନକୁ ମଧୁମୟ କରିଉଠାଏ। ଗୋଟିଏ ହାତରେ ଗୃହକର୍ମ ଓ ଅନ୍ୟ ଏକ ହାତରେ ଗୃହ ଶାସନ। ଦୁଇପକ୍ଷ ବିଶିଷ୍ଟ ସମାଜ ଜୀବନରେ ନାରୀ ଗୋଟିଏ ପକ୍ଷ ଓ ପୁରୁଷ ଅନ୍ୟ ଏକ ପକ୍ଷ। ପୁରୁଷ ବୈଶିଷ୍ଟ୍ୟ ମଧ୍ୟରେ ରହିଛି - ପୂରଣ ପ୍ରବଣତା, ସାହସ, ବୀର୍ଯ୍ୟ, ପରାକ୍ରମ ଓ ଆଦର୍ଶପ୍ରାଣତା। ପୁରୁଷ ଛୁଟି ଚାଲେ ଆଦର୍ଶଙ୍କ ପଛରେ ଓ ନାରୀ ଛୁଟି ଚାଲେ ପୁରୁଷ ପଛରେ, ଆଦର୍ଶପ୍ରାଣତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ।

ପୁରୁଷ ଓ ନାରୀର ଅଧିକାର ସେମାନଙ୍କର ଏହିପରି ବୈଶିଷ୍ଟ୍ୟରୁ ହିଁ ଭଗବାନ ନିର୍ଦ୍ଧାରଣ କରିଛନ୍ତି। ନାରୀର ସ୍ୱାଧୀନତା ତାଙ୍କର ବୈଶିଷ୍ଟ୍ୟରେ, ଆଉ ଏହି ବୈଶିଷ୍ଟ୍ୟ ଯେଉଁଠାରେ ମୁଖର ଓ ପ୍ରେରଣା ପରିପୁଷ୍ଟ, ସେହିଠାରେ ହିଁ ରହିଛି ନାରୀର ମୁକ୍ତି ବା ସ୍ୱାଧୀନତା। ନରର ବୃତ୍ତିଗୁଡ଼ିକ ଯେଉଁ ନାରୀ ଠାରେ ପରିପୋଷିତ ଓ ପରିବର୍ଦ୍ଧିତ ହୁଏ ଅର୍ଥାତ୍ ଯେଉଁ ନାରୀ ଯେଉଁ ନରର ବୃତ୍ତି ଗୁଡ଼ିକ ନେଇ ସନ୍ତୁଷ୍ଟ, ପୁଷ୍ଟ ଓ ସମ୍ବର୍ଦ୍ଧନାରେ ଯତ୍ନବତୀ, ସେହି ନରନାରୀର ମିଳନ ହିଁ ଶୁଭ। ନାରୀର ଅର୍ନ୍ତନିହିତ ଝୁଙ୍କ୍, ମାତୃତ୍ୱରେ, ଯେଉଁମାନେ ମାତୃତ୍ୱକୁ ଖର୍ବ କରି ନାରୀତ୍ୱର ପ୍ରତିଷ୍ଠା କରିବାକୁ ଚାହାଁନ୍ତି ସେମାନେ ସର୍ବନାଶୀ।

ନାରୀ ପୁରୁଷର ପରିପୋଷକ, ଉଭୟ ମିଶି ଏକ, ନାରୀ ହେଉଛି ପୁରୁଷ ସତ୍ତାର ବାକୀ ଅଂଶ। ସ୍ୱାମୀ ହେଉଛି ସ୍ତ୍ରୀର ସତ୍ତା, ପୁରୁଷର ଏହି ଉଦ୍‌ବେଳାୟିତ ଅବସ୍ଥାକୁ ଅକ୍ଷୁର୍ଣ୍ଣ ରଖିବା ନିମିତ୍ତ ତାକୁ ପୁରୁଷ ଶ୍ରେଷ୍ଠ, ଇଷ୍ଟ, ଗୁରୁ ବା ପୁରୁଷୋତ୍ତମ ସହିତ ସଂଲଗ୍ନ ହେବା ଏକାନ୍ତ ଆବଶ୍ୟକ, ନଚେତ୍ ପୌରୁଷ୍ୱ ଲୋପ ପାଇଯାଏ। ପୁରୁଷ ଯେତେବେଳେ ନାରୀ ଠାରେ କାମମୁଗ୍ଧ ହୋଇଉଠେ ସେତେବେଳେ ତାର ପରିପୂରଣୀ ପ୍ରତିଭା ନଷ୍ଟ ହୁଏ। ମା'ମାନେ ଯଦି ସ୍ୱାମୀଙ୍କ ଠାରେ ସୁକେନ୍ଦ୍ରିକ ନ ହୁଅନ୍ତି ଓ ପୁରୁଷ ଯଦି ଈଶ୍ୱର କେନ୍ଦ୍ରିକ ନ ହୁଅନ୍ତି ତାହାହେଲେ ପରିବାରରେ ମଇଳା ଜମି ଯାଏ। ପୁରୁଷ ସ୍ୱାଧୀନ ହୁଏ ଭଗବାନ (ଗୁରୁ)ଙ୍କୁ ନେଇ ଓ ମା'ମାନେ ସ୍ୱାଧୀନ ସ୍ୱାମୀଙ୍କୁ ନେଇ - ସ୍ୱାମୀ ହେବା ଉଚିତ ଇଷ୍ଟମୁଖୀ ଓ ସ୍ତ୍ରୀର ବୈଶିଷ୍ଟ୍ୟପୂରଣୀ। ଇଷ୍ଟ, ଗୁରୁ ବା ପୁରୁଷୋତ୍ତମଙ୍କ ପ୍ରତି ନିର୍ମଳ ନିଷ୍ଠା ଭିତର ଦେଇ ନିଜକୁ ଶାସନ କରିବାକୁ ହୁଏ ଓ ଏହାଦ୍ୱାରା ଚରିତ୍ର ନିର୍ମଳ ହୁଏ ଓ ପ୍ରେମ ପ୍ରସ୍ଫୁଟିତ ହୁଏ। ଦୃଢ଼କଣ୍ଠରେ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଘୋଷଣା କଲେ - ପୁରୁଷ ମାନଙ୍କର ନାରୀ ସାଜିବା ଭଲ ନୁହେଁ ଓ ମା'ମାନଙ୍କର ମଧ ପୁରୁଷ ସାଜିବା ଭଲ ନୁହେଁ। ଅଜସ୍ର ଚେଷ୍ଟା କଲେ ମଧ ପୁରୁଷ କେବେ ମା' ହୋଇପାରିବେ ନାହିଁ, ମା' ହିଁ ସନ୍ତାନକୁ ମାପି ଦିଅନ୍ତି ଅର୍ଥାତ୍ ମା'ର ନିଷ୍ଠା, ଭକ୍ତି, ଶ୍ରଦ୍ଧା ଓ ଚରିତ୍ର ଅନୁଯାୟୀ ସନ୍ତାନ ସଦ୍‌ଗୁଣର ଅଧିକାରୀ ହୁଏ। ଯଥାର୍ଥରେ କୁହାଯାଇଛି - ମାତୃଭକ୍ତି ଅଟୁଟ ଯେତେ, ସନ୍ତାନ ହୁଏ କୃତୀ ସେତେ। ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ନାରୀର ସପ୍ତ ସଦ୍‌ଗୁଣ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି। ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି। ସେ ଘରର ସ୍ତ୍ରୀ, ଯେ କି ଘରର ସୁନାମର ଆଧାର। ସେହିପରି ରାଜ୍ୟ ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି। ଘର ଭିତରେ ନାରୀକୁ ଗୃହଲକ୍ଷ୍ମୀର ଉଚ୍ଚ ମର୍ଯ୍ୟାଦା ଦିଆଯାଇଛି। ପତି ଅସୁବିଧାର ସମ୍ମୁଖୀନ ହେବା ବେଳେ ପତ୍ନୀ ସଙ୍ଗେ ସଙ୍ଗେ ତାଙ୍କ ଦୁଃଖରେ ଭାଗୀ ହୁଏ ଏବଂ ପତି ତଥା ପରିବାରର କଲ୍ୟାଣ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ଯେ କୌଣସି ଦୁର୍ଦ୍ଦଶା ଭୋଗିବାକୁ ଏପରିକି ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ। ଘରଣୀ ହିଁ ଘରର ସୁନାମ ପଛରେ ଥାଏ। ନାରୀ ତ୍ୟାଗସ୍ୱରୂପିଣୀ ଅଟେ। ପୁରୁଷ ତ୍ୟାଗ କରୁଥିଲେ ବି ସେଥିରେ ସ୍ୱାର୍ଥଭାବନା ଥାଏ, କିନ୍ତୁ ନାରୀର ତ୍ୟାଗ ପୁରାପୁରି ନିଃସ୍ୱାର୍ଥପର। ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ।

ନାରୀମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି କୁହାଯାଇଛି। ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି। ଯଥାର୍ଥରେ କୁହାଯାଇଛି 'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା'। ଯୁଗପୁରୁଷୋତ୍ତମ ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି - ନାରୀମାନେ ଲକ୍ଷ୍ମୀ ସ୍ୱରୂପିଣୀ ହୋଇଥିବା ଯୋଗୁଁ ସେମାନଙ୍କୁ ସମ୍ମାନିତା କରାଯିବା ବେଳେ ହିଁ ପୃଥିବୀ ସମୃଦ୍ଧିଲାଭ କରିପାରିବ। ତୁମେ ଏହା ନିଜେ ଦେଖିପାରିବ ଯେଉଁଠାରେ ସଚ୍ଚରିତ୍ରା ନାରୀମାନେ ଥାଆନ୍ତି ସେଠାରେ ତୁମେ ସମସ୍ତ ସମୃଦ୍ଧି ପାଇପାରିବ। ତୁମେ ସମସ୍ତେ ଜାଣିଛ ଯେ ବିଶ୍ୱଯୁଦ୍ଧ ସମୟରେ ଅନେକ ଦେଶ କ୍ଷତିଗ୍ରସ୍ତ ହେଲେ। ଭାରତ ଯଦି ଅକ୍ଷୁର୍ଣ୍ଣ ରହିପାରିଲା, ତାହାର କାରଣ ହେଉଛି କେବଳ ସଚ୍ଚରିତ୍ରା ନାରୀମାନଙ୍କ ଉପସ୍ଥିତି। ଭାରତ ନିଜର ମହାନତା ଓ ଗାରିମା ପାଇଁ ନାରୀମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଋଣୀ। ତେଣୁ ନାରୀ ମାନଙ୍କୁ ସମ୍ମାନ କର ଏବଂ ସେମାନଙ୍କୁ ସୁଖୀ କର। ଅତୀତ ହେଉ, ବର୍ତ୍ତମାନ ହେଉ ବା ଭବିଷ୍ୟତ ହେଉ ସର୍ବକାଳରେ ନାରୀ ହିଁ ପ୍ରଗତିର ମେରୁଦଣ୍ଡ, ଦେଶ ଓ ଜାତିର ହୃତ୍‌ପିଣ୍ଡ ଓ ପ୍ରାଣବାୟୁ ସଦୃଶ। ପୁରାଣ ଯୁଗରେ ଗାନ୍ଧାରୀ, ଦ୍ରୌପଦୀ, କୁନ୍ତୀ, ତାରା ଓ ମନ୍ଦୋଦୋରୀଙ୍କୁ ପଞ୍ଚକନ୍ୟା କୁହାଯାଉଥିଲା। ଆଧାତ୍ମିକ ସାଧନା କ୍ଷେତ୍ରରେ ପୁରାଣ ପୃଷ୍ଠାରେ ଗାର୍ଗୀ, ମୈତ୍ରେୟୀ, ସୁଲଭା, ଲୋପାମୁଦ୍ରା, ବିଶ୍ୱବାରାଙ୍କ କୃତୀ ଓ ସ୍ୱୀକୃତି କାଳଜୟୀ ହୋଇରହିଛି। ସେହିପରି ବୈଦିକ ଯୁଗରେ ନାରୀ ମାନଙ୍କ ଦ୍ୱାରା ରଚିତ ଶ୍ଳୋକ ବେଦରେ ସ୍ଥାନ ପାଇଛି। ସ୍ୱାମୀ ବିବେକାନନ୍ଦ ପ୍ରାୟ ଶହେ ବର୍ଷ ତଳେ ଭବିଷ୍ୟବାଣୀ କରିଥିଲେ, ଏକ ବିଂଶ ଶତାବ୍ଦୀ ହେବ ମାତୃ ଗୌରବର ଶତାବ୍ଦୀ। ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ତାଙ୍କ ଭାଷାରେ - 'ମାତା ତା'ର ସ୍ୱାମୀର ସାଥୀ ଓ ପଥ ପ୍ରଦର୍ଶକ, ଶିଶୁର ଆଦ୍ୟଗୁରୁ, ସାମାଜିକ ଜୀବନଧାରାର ଆଧାର, ପରିବାରର ଆଦର୍ଶ, ଦୈହିକ ଓ ମାନସିକ ସ୍ୱାସ୍ଥ୍ୟର ଜାଗ୍ରତ ପ୍ରହରୀ।' ସେ ଆଦ୍ୟାଶକ୍ତି, ସୃଷ୍ଟିକାରିଣୀ ଓ ସମୃଦ୍ଧିର ଦେବୀ। ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ। ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି। ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ। ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କର୍ତ୍ତବ୍ୟ। ବିଶ୍ୱ ମହିଳା ଦିବସ ଅବସରରେ ଭାରତୀୟ ଧର୍ମ, ସଂସ୍କୃତି ଓ ଦିବ୍ୟ ସମାଜ ଗଠନ ସହ ପରିବାରରେ ମାତୃ ଆଦର୍ଶର ମହନୀୟତା ଚିର ଜାଜ୍ଜ୍ୱଲ୍ୟମାନ ହୋଇ ସମସ୍ତଙ୍କ ପାଇଁ ପ୍ରେରଣାର ଆଲୋକବର୍ତ୍ତିକା ହେଇ ଚାଲିଥାଉ ଏହା ହିଁ କାମନା।

ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦


ଅଞ୍ଚଳ କଥା
ଆପଣା ମାଟିର କଥା ଓ ବ୍ୟଥା




# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଗଣିଆ,(ମହାଭାରତ): ଗଣିଆ ଅଞ୍ଚଳରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି । ସ୍କୁଟି ଟି ଆମ୍ବ ଉପରେ ଚଢ଼ିଯିବା ଫଳରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି । ମୃତ ଯୁବକଙ୍କ ଘର ଗଣିଆ ଥାନା ଅନ୍ତର୍ଗତ ବେଲେପଡା ପଞ୍ଚାୟତର ରାଉତପଡା ଗ୍ରାମରବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ୬ଟା ସମୟରେ ରାଉତପଡା ଗ୍ରାମର କୃଷ୍ଣ ଚନ୍ଦ୍ର ମହାପାତ୍ର ଓ ପ୍ରଦୀପ ରଣା ଦୁଇଜଣ ଯୁବକ ସ୍କୁଟି ଯୋଗେ ଦିନ ମଜୁରିଆ ଭାବେ କାମ କରିବା ପାଇଁ କଟକ ଯାଉଥିଲେ । ଗଣିଆ ତଳବଜାର ଚଉବଂଗ ଛକ ନିକଟରେ ରାସ୍ତା ଉପରେ ପଡ଼ିଥିବା ଏକ ଆମ୍ବ ଉପରେ ସ୍କୁଟିଟି ଚଢ଼ିଯାଇଥିଲା, ଯାହାଫଳରେ ଗାଡ଼ିଟି ଭାରସାମ୍ୟ ହରାଇ ଦୁର୍ଘଟଣା ହୋଇଥିଲା ।ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ପ୍ରଥମେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ପ୍ରଦୀପ ରଣା ଙ୍କୁ (୪୫)ମୃତ ଘୋଷଣା କରିଥିଲେ । ଖବର ନେବାର ଶେଷ ସୂଚନା ଅନୁସାରେ ମୃତକ ପ୍ରଦୀପ ରଣାଙ୍କ ଶବକୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଯିବା ନେଇ ସୂଚନା ମିଳିଛି । ପୋଲିସ ଏହି ଦୁଃଖଦ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

# ପାନୀୟ ଜଳ ସମସ୍ୟାରେ ପେଷି ହେଉଛନ୍ତି ବଡ଼ତଇଲା ସାହିବାସୀ

ଅନୁଗୋଳ,(ମହାଭାରତ):ବଅଁରପାଳ ବ୍ଲକ ଅନ୍ତର୍ଗତ ବଳରାମ ପ୍ରସାଦ ଗ୍ରାମ ପଞ୍ଚାୟତର ବଡ଼ତଇଲା ସାହିରେ ଦେଖାଦେଇଛି ଉକ୍ରଟ ପାନୀୟ ଜଳ ସଙ୍କଟ । ଦୀର୍ଘଦିନ ଧରି ଏହି ସମସ୍ୟା ଲାଗି ରହିଥିବାବେଳେ ଖରାଦିନ ଆସିବା ସହ ପରିସ୍ଥିତି ଆହୁରି ଜଟିଳ ହୋଇପଡ଼ିଛି । ଗ୍ରାମବାସୀଙ୍କ ଅଭିଯୋଗ, ନାଲକୋ କ୍ଷତିଗ୍ରସ୍ତ ଗ୍ରାମ ଭାବେ ବଳରାମ ପ୍ରସାଦ ପରିଚିତ ହୋଇଥିଲେ ମଧ୍ୟ ବଡ଼ତଇଲା ସାହି ପ୍ରତି ନାଲକୋ କିମ୍ବା ପ୍ରଶାସନର ଦୃଷ୍ଟି ପଡୁନାହିଁ ।ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ପାଇପ ଜଳ ବ୍ୟବସ୍ଥା ମଧ୍ୟ ନାମକୁ ମାତ୍ର ସୀମିତ ରହିଛି । ତିନି ଦିନରେ ଥରେ ପାଣି ଆସୁଥିବାବେଳେ ତାହା ବ୍ୟବହାର ଉପଯୋଗୀ ନୁହେଁ ବୋଲି ଲୋକେ ଅଭିଯୋଗ କରିଛନ୍ତି । ପାଇପ ପାଣିରେ ମଇଳା ଓ ବିଭିନ୍ନ ପ୍ରକାର ଅଶୁଦ୍ଧ ପଦାର୍ଥ ଆସୁଥିବାରୁ ଦୁର୍ଗନ୍ଧ ସୃଷ୍ଟି ହେଉଛି । ଫଳରେ ଏହି ପାଣି ପିଇବା ତ ଦୂରର କଥା, ଘରୋଇ କାମରେ ମଧ୍ୟ ବ୍ୟବହାର କରିବା କଷ୍ଟକର ହୋଇପଡ଼ିଛି ।ଅନ୍ୟପଟେ, ପ୍ରାୟ ୫୦ଟି ପରିବାର ପାଇଁ ମାତ୍ର



ଗୋଟିଏ ନଳକୂପ ଭରସା ସାଜିଛି । ସେହି ନଳକୂପର ପାଣି ବ୍ୟବହାର କରି ଅନେକ ଲୋକ କିଡନି ଜନିତ ରୋଗରେ ପୀଡ଼ିତ ହୋଇଥିବା ଅଭିଯୋଗ ହୋଇଛି । କେତେକ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ କେତେଜଣ ଚିକିତ୍ସାଧୀନ ଥିବା ସ୍ଥାନୀୟବାସୀ କହିଛନ୍ତି ।ବାରମ୍ବାର ଅଭିଯୋଗ ଓ ଦାବି ସ□ତ୍ତ୍ୱ ସମସ୍ୟାର କୌଣସି ସ୍ଥାୟୀ ସମାଧାନ ହୋଇନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି । ତୁରନ୍ତ ପଦକ୍ଷେପ ନେଇ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ସେମାନେ ସ୍ଥାନୀୟ ବିଧାୟକ ଓ ପ୍ରଶାସନଙ୍କ ନିକଟରେ ଦାବି ଜଣାଇଛନ୍ତି ।

# ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ହରିୟାନା ରାଜ୍ୟର ଏକ ପରିବାର



ପାରଳାଖେମୁଣ୍ଡି,(ମହାଭାରତ):ଆଜି ଗଜପତି ଜିଲ୍ଲାରୁ ୮୪ତମ ଶିଶୁଙ୍କୁ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ (ଭା.ପ୍ର.ସେ.) ପୋଷ୍ୟ ସନ୍ତାନ ଭାବେ ହରିୟାନା ରାଜ୍ୟର ଏକ ପରିବାରଙ୍କୁ ହସ୍ତାନ୍ତର କରିଛନ୍ତି । ଆଜକୁ ପ୍ରାୟ ୩ ମାସ ପୂର୍ବେ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର ହୋଇଥିବା ଏହି ଶିଶୁକୁ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ନିଶାନ ଶାଲୋମ, ରଣିପେଟାଠାରେ ରଖାଯାଇଥିଲା । ପରବର୍ତ୍ତି ମୁହୁର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଟିକୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଟିର ତଥ୍ୟ ମିଶନ ବାତ୍ସଲ୍ୟ ପୋର୍ଟାଲ୍ ରେ ଅପଲୋଡ୍ କରାଯାଇଥିଲା । ଯାହାଦ୍ୱାରା ଶିଶୁଟି ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଯୋଗ୍ୟ ପରିବାର ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୪ବର୍ଷରୁ ଉର୍ଦ୍ଧ ସମୟ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ପରିବାରଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ ।

# ବଡ଼ଚଣା ବ୍ଲକ ବିଜେଡ଼ିର ୧୯ ନଂ ଜୋନ ସଭାପତି ଭାବେ ରଶ୍ମିରଞ୍ଜନ ବଳ ମନୋନିତ

ବାଲିଚନ୍ଦ୍ରପୁର,(ମହାଭରତ): ବଡ଼ଚଣା ବ୍ଲକ ବିଜୁ ଜନତା ଦଳ (ବିଜେଡ଼ି)ର ବ୍ଲକ ଓ ଜୋନ ସ୍ତରୀୟ ନୂତନ କର୍ମକର୍ତ୍ତା ମାନଙ୍କ ନାମ ଘୋଷଣା କରାଯାଇଛି । ବଡ଼ଚଣା ବ୍ଲକର ଜଣେ ଦକ୍ଷ ଓ ସୁସଂଗଠକ କର୍ମକର୍ତ୍ତା ରଶ୍ମିରଞ୍ଜନ ବଳଙ୍କୁ ୧୯ନଂ ଜୋନର ଜୋନ ସଭାପତି ଭାବେ ନିଯୁକ୍ତି ମିଳିଛି । ଯାଜପୁର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କୁମାର ମହାପାତ୍ରଙ୍କ ଅନୁମୋଦନ କ୍ରମେ ବଡ଼ଚଣା ନିର୍ବାଚନ ମଣ୍ଡଳୀ ୧୯ ନଂ ଜିଲ୍ଲା ପରିଷଦ ଜୋନ



ସଭାପତି ଭାବେ ରଶ୍ମିରଞ୍ଜନ ବଳଙ୍କୁ ନିଯୁକ୍ତି ମିଳିଥିବା ବଡ଼ଚଣା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ସଭାପତି ତାପସ ଚନ୍ଦ୍ର ରାୟ ଏକ

ପ୍ରେସ୍‌ଇସ୍ତାହାରରେ ପ୍ରକାଶ କରିଥିବା ଜଣାପଡ଼ିଛି । ଶ୍ରୀଯୁକ୍ତ ବଳ ଦୀର୍ଘଦିନ ହେବ ବିଜୁ ଜନତା ଦଳର ସାଂଗଠନିକ କାର୍ଯ୍ୟକ୍ରମରେ ସାମିଲ ରହି ନିଷ୍ଠାର ସହ ଦଳର କାର୍ଯ୍ୟକ୍ରମ କରିଚାଲିଛନ୍ତି । ତାଙ୍କୁ ଏହି ନିଯୁକ୍ତି ମିଳିବା ପରେ ୧୯ ନଂ ଜୋନର ନଳୀପୁର, ଚାରିନଙ୍ଗଳ, ବାଲିଚନ୍ଦ୍ରପୁର, ମାଣ୍ଡୁକା, ମଝିପଡ଼ା, ଅଚ୍ୟୁତବସନ୍ତ, ବରପଦା, ବଡ଼ବାଲିକୁଦା, ସାଉଡ଼ିଆ ଆଦି ପଂଚାୟତର ବିଜୁ ଜନତା ଦଳର ପଂଚାୟତ ସଭାପତି, ଛାତ୍ର ସଭାପତି, ମହିଳା ବିଜୁ ଜନତା ଦଳ ପଂଚାୟତ ସଭାପତି, ବିଜୁ ଜନତା ଦଳ ଯୁବ ସଭାପତି ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ରଶ୍ମିରଞ୍ଜନ ବଳ ଜୋନ ସଭାପତି ରୂପେ ନିଯୁକ୍ତି ପାଇବାକୁ ନେଇ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀଯୁକ୍ତ ବଳ ଏହି ନିଯୁକ୍ତି ନେଇ ବିଜୁ ଜନତା ଦଳ ଜିଲ୍ଲା ସଭାପତି ସରୋଜ କୁମାର ମହାପାତ୍ର ଓ ବ୍ଲକ ସଭାପତି ତାପସ ଚନ୍ଦ୍ର ରାୟଙ୍କୁ କୃତଜ୍ଞତା ଜଣାଇବା ସହ ତୃଣମୂଳ ସ୍ତରରୁ ଦଳର ସଂଗଠନକୁ ମଜବୁତ କରିବା ନେଇ ମତପୋଷଣ କରିଥିଲେ ।

# ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ



ଦାନଗଦି(ମହାଭାରତ): କଳିଙ୍ଗନଗର ଶିଳ୍ପାଞ୍ଚଳରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ହେଉଛି ଏହାକୁ ଦୃଷ୍ଟିରେ ରଖି ଶ୍ରୀ ବିନାୟକ ହସ୍ପିଟାଲ ଏବଂ ଷ୍ଟିଲ ସିଟି ପ୍ରେସ୍ କ୍ଲବର ମିଳିତ ସହଯୋଗ ରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ରବିବାର ଦିନ ଦାନଗଦି ବ୍ଲକର ରଣାଗୁଣ୍ଡି ପଞ୍ଚାୟତ ଅଫିସଠାରେ ଏହି ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସ୍ଥାନୀୟ ଅଞ୍ଚଳରୁ ୫୦ରୁ ଉର୍ଦ୍ଧ୍ୱ ରୋଗୀ ଉପସ୍ଥିତ ଥିବାବେଳେ ଭୁବନେଶ୍ୱର ଓ କଟକରୁ ଆସିଥିବା ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ନିଜେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଏହି ଶିବିରରେ ବ୍ଲଡ଼ ପ୍ରେସର, ଡାଇବେଟିସ, ଇସିଜି, ହାର୍ଟ, ଦାନ୍ତ, ଚକ୍ଷୁ ଆଦି ରୋଗର ମାଗଣା ପରୀକ୍ଷା କରାଯାଇଥିଲା । କଳିଙ୍ଗନଗରରେ ଏହି ମିଳିତ ସ୍ୱାସ୍ଥ୍ୟ ଶିବିରକୁ ଜନସାଧାରଣ ପ୍ରଶଂସା କରିଛନ୍ତି ।ଉକ୍ତ ଶିବିରରେ ଷ୍ଟିଲ ସିଟି ପ୍ରେସ୍ କ୍ଲବର ସମସ୍ତ ସଦସ୍ୟ ,ଶ୍ରୀ ବିନାୟକ ହସ୍ପିଟାଲର ମାଲିକ ଉମେଶ ସାମଲ ସମେତ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଷ୍ଟିଲ ସିଟି ପ୍ରେସ କ୍ଲବର ଅବିନାଶ ମିଶ୍ର, ମୃତ୍ୟୁଞ୍ଜୟ ଦେଓ ପ୍ରମୁଖ ସହଯୋଗ କରିଥିଲେ ।

# ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ପାଇଁ ଉପଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ




ଉଦଳା,(ମହାଭାରତ):ଉଦଳା ନିର୍ବାଚନ ମଣ୍ଡଳୀରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଭୋଟର ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ, କପ୍ତିପଦା, ଉଦଳାଙ୍କ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । ସଘନ ସଂଶୋଧନ କାର୍ଯ୍ୟକ୍ରମର ସଠିକ ବିଶଦ ବିବରଣୀ ଜନସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଉକ୍ତ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ମଇ ୩୦ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୬ ତାରିଖ ପର୍ଯ୍ୟନ୍ତ ଚାଲିବ । ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ସମସ୍ତ ତଥ୍ୟ ମାନ ଅବଗତ କରାଇବା ସହିତ ଜନ ସାଧାରଣଙ୍କ ନିକଟରେ ସଠିକ ତଥ୍ୟ ଉପସ୍ଥାପନ କରିବାକୁ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ । ଜଣେ ବି ଯୋଗ୍ୟ ନିର୍ବାଚକଙ୍କ ନାମ ଯେମିତି ଭୋଟର ତାଲିକାରୁ ବାଦ ନ ପଡ଼େ ସେଥିପ୍ରତି ଉପଖଣ୍ଡ ପ୍ରଶାସନ ସତର୍କ ଦୃଷ୍ଟି ରଖିଥିବା ବେଳେ ଏଥି ନିମନ୍ତେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଥିବାର ଉପଜିଲ୍ଲାପାଳ ମତ ପ୍ରକାଶ କରିଥିଲେ । ଆଜିର ସାମ୍ବାଦିକ ସମ୍ମିଳନୀରେ ଡ଼େପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା, ସହକାରୀ ଜିଲ୍ଲାପାଳ ପ୍ରବୀଣ କୁମାର ମାଝୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ଉପସ୍ଥିତ ଥିବା ବେଳେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ରାଉତରାୟ ମୁର୍ମୁ, ଶ୍ରୀତମ ମହାନ୍ତି, ଇଭାନ ଦଳେଇ, ଦୁଷ୍ମନ୍ତ ନାଏକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ତଥା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ଅଜିତ ମହାପାତ୍ର ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ ।

# ଜାକେଡ଼ା ପଞ୍ଚାୟତ ପ୍ରିମିୟର ଲିଗ ୨୦୨୬ ଦ୍ୱିତୀୟ ଦିନରେ ଜେ.ଆର ଫାଇଟର,ଡିକେ ଓ୍ୱାରିଅର ବିଜୟୀ



ନୂଆଗାଁ(ମହାଭାରତ) : ନୂଆଗାଁ ବ୍ଲକ ଅନ୍ତର୍ଗତ ଶିମିଳିସାହି ଖେଳ ପଡ଼ିଆରେ ଜାକେଡ଼ା ପଞ୍ଚାୟତ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି । ସମ୍ମାନିତ ଅତିଥି ଭାବେ ଶିମିଳିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁଧୀରଞ୍ଜନ ପରିଡ଼ା, ସେନ୍ତେରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଲୋକନାଥ ମଳିକ ପ୍ରମୁଖ ଯୋଗ ଦେଇ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିବା ସହ କ୍ରିକେଟ ଖେଳିବା ଦ୍ୱାରା ଶାରୀରିକ ଓ ମାନସିକ ସୁସ୍ଥତା ଆଣିଥାଏ ।ଏଥି ସହିତ ସମସ୍ତଙ୍କ ଭିତରେ ଭାଇଚାରା ସୃଷ୍ଟି କରିଥାଏ ବୋଲି ଅତିଥି ମାନେ ବକ୍ତବ୍ୟ ରଖିଥିଲେ । ଦ୍ୱିତୀୟ ଦିନ ଖେଳରେ ବି.ବି ଟାଇଗର ୧୨ ଓଭରରେ ୭ ୱିକେଟ ହରାଇ ୬୫ ରନ ସଂଗ୍ରହ କରିଥିଲା ।ଏହାର ଜବାବରେ ଡିକେ ୧୦. ୨ ଓଭରରେ ୬ ୱିକେଟ ହରାଇ ୭୯ ରନ କରି ବିଜୟୀ ହୋଇଥିଲା । ସେହିପରି ଏପି ଇଲେଭେନ ୮. ୫ ଓଭରରେ ସମସ୍ତ ୱିକେଟ ହରାଇ ୬୫ ରନ କରିଥିଲା । ଏହାର ଜବାବରେ ଜେ.ଆର ଫାଇଟର ୭. ୩ ଓଭରରେ ୪ ହରାଇ ୬୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା ।

# ଅଟୋ ସହ ବଳଦ ଧକ୍କା, ଜଣେ ବୃଦ୍ଧ ଗୁରୁତର, ୫ ଆହାତ

କରଞ୍ଜିଆ,(ମହାଭାରତ):ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଜଡିବିଲ ଗାଁ ପାଖ ରେ ଅଟୋ ଅଲଟି ଜଣେ ଗୁରୁତର , ୫ଆହାତ ଜଣାପଡିଛି । ଆଜି କେନ୍ଦୁଜିଆଣୀ ସାପ୍ତାହିକ ହାଟ ଥିବାବେଳେ ଦିନ ୧୨.୩୦ ପାଖାପାଖି ପଡିଆବେଡା କେଲପୋଷି ଗାଁ ରୁ ଲୋକ ମାନେ କେନ୍ଦୁଜିଆଣୀ ହାଟ ଯିବା ସମୟରେ ଜଡିବିଲ ଗାଁ ନିକଟରେ ରାସ୍ତା କଡ଼ରେ ଦୁଇ ଟି ବଳଦ ସହିତ ଧକ୍କା ହୋଇଥିଲା । ହଟାତ ରାସ୍ତା କୁ ଚାଲିଆସିବା ଯୋଗୁଁ ବଳଦ ର ସାମାନ୍ୟ ବାଜିବା ସହିତ ଭାରସାମ୍ୟ ହରାଇ ରାସ୍ତା କଡକୁ ଅଲଟି ପଡ଼ିଥିଲା । ପଡିଆବେଡା ଗାଁ ନିୟମ ନାଏକ (୭୦) ଡାହାଣ ହାତ କାନ୍ଧ ଭାଙ୍ଗିବା ସହିତ ବମ ଗଡ ଜଙ୍ଘ କ୍ଷତ ହୋଇଛି, ପ୍ରାଥମିକ ଚିକିତ୍ସା ପରେ ଆନନ୍ଦପୁର ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଛି । ସେହି ଗାଁ ର ରତନୀ ନାଏକ (୩୫) ଓ ସୁଲଚନା ନାଏକ (୩୫) ଆହାତ ଠାକୁରମୁଣ୍ଡା ହୋଇଥିବା ବେଳେ କେଲୋପୋଷି ଗାଁ ର ଗୀତାଞ୍ଜଳି ମହାନ୍ତ (୧୦), ଅନୀତା ମହାନ୍ତ (ମହିଳା) , ବାସନ୍ତୀ ମହାନ୍ତ (୫) ସଂଙ୍ଗେ ସଙ୍ଗେ ଏକ ବଲେର ଯୋଗେ ଠାକୁରମୁଣ୍ଡା ଡାକ୍ତରଖାନା ଭର୍ତ୍ତି କରିଥିଲେ ।

# ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ଗଜପତ(ମହାଭାରତ): ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ସଂଯୁକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ମିନା , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାତ୍ରୀ, ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଅଭିଯୋଗ ଶୁଣାଣୀ କରିଥିଲେ । ଆଜିର ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିରରେ ମୋଟ-୭୨ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇ ଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା-୬୨ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା - ୧୦ ଗୋଟି ଅଭିଯୋଗ ଆସିଥିଲା ।

# ପାଟଣା ବ୍ଲକରେ ଅତିରିକ୍ତ ଶିକ୍ଷାଧିକାରୀଙ୍କ ଯୋଗଦାନ



ପାଟଣା:(ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ରେ ନୂତନ ଅତିରିକ୍ତ ଶିକ୍ଷାଧିକାରୀ ଭାବେ ଜଗଦୀଶ ଚନ୍ଦ୍ର ନାଏକ ଯୋଗ ଦେଇଛନ୍ତି । ପୂର୍ବ ରୁ ସେ ଘଟଗାଁ ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ କାର୍ଯ୍ୟାରତ ଥିଲେ । ସେ ପାଟଣା ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ରେ ଯୋଗଦାନ କରିବା ପରେ ବ୍ଲକ ତଥା ଜିଲ୍ଲା ସଂଘର କାର୍ଯ୍ୟାରତ ମାନେ କାର୍ଯ୍ୟାଳୟରେ ପହଞ୍ଚି ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାତ ସଚିଦାନନ୍ଦ ସେଠୀ ପ୍ରକାଶ କୁମାର ରାୟ ଙ୍କ ସହ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସମ୍ପାଦକ କମଳାକାନ୍ତ ପତି ଜିଲ୍ଲା ଉପସଭାପତି ତିଳୋତ୍ତମା ବେହେରା ଙ୍କ ସହ ପ୍ରାଥମିକ ଶିକ୍ଷକ ସଂଘର କର୍ମଚାରୀ ମାନେ ନନ୍ଦକିଶୋର ନାଏକ ବିଭୀଷଣ ଦଳଦୋସିଆ ବୀରମୋହନ ଦିବେଦୀ ସନ୍ତୋଷ କୁମାର ନାଏକ କାନ୍ତିରାଣୀ ନାଏକ ପ୍ରମୋଦ କୁମାର ମହାନ୍ତ ଙ୍କ ସହ କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ଙ୍କ ଉପସ୍ଥିତ ରେ ନୂତନ ଭାବରେ ଯୋଗ ଦେଇଥିବା ଜଗଦୀଶ ଚନ୍ଦ୍ର ନାଏକଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଭାବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଥିଲା ।

# ଯୁବକଙ୍କ ହାତ ଗୋଡ଼ ବାନ୍ଧି ମରଣାନ୍ତଙ୍କ ଆକ୍ରମଣ କରି ଅପହରଣ

## ଥାନା ଘେରାଉ କଲେ ପରିବାର ଲୋକ




ଆଳି,(ମହାଭାରତ):କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମହାଦେଇ ପାଟଣା ଗ୍ରାମର ଅରୁଣ ସେଠୀଙ୍କ ପୁଅ ଗୌରାଙ୍ଗ ସେଠୀଙ୍କୁ କିଛି ବ୍ୟକ୍ତି ହାତ ଗୋଡ଼ ବାନ୍ଧି ମାଡ଼ ମାରି ଅପହରଣ କରିବା ଘଟଣାକୁ ପାଞ୍ଚ ଦିନ ବିତି ଯାଇଥିବା ବେଳେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନଥିବାରୁ ଆଳି ଥାନା ଘେରାଉ କରିଛନ୍ତି ପରିବାର ଲୋକ । ସୂଚନା ମୁତାବକ ଆଳି ଥାନା ଅନ୍ତର୍ଗତ ମହାଦେଇପାଟଣା ଗ୍ରାମର ଗୌରାଙ୍ଗ ସେଠୀ ଗ୍ରାମର କିଛି ବ୍ୟକ୍ତିଙ୍କ ଗାଡିର କାଚ ଭାଙ୍ଗି ଦେଇଥିଲେ । ଏହି ଘଟଣା ପରେ ଗୌରାଙ୍ଗଙ୍କ ହାତ ଗୋଡ଼ ବାନ୍ଧି ୬ ଜଣରୁ ଉର୍ଦ୍ଧ ବ୍ୟକ୍ତି ନିସ୍ତୁକ ମାଡ଼ ମାରି ଅପହରଣ କରି ନେଇଥିବା ନେଇ ପରିବାର ଲୋକ ଆଳି ଥାନାରେ ଅଭିଯୋଗ କରିଥିଲେ । ପରିବାର ପକ୍ଷରୁ ଆଳି ଥାନାରେ ପାଞ୍ଚ ଦିନ ହେବ ଅଭିଯୋଗ ହୋଇଥିବା ବେଳେ ପୋଲିସ କିଛି କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଅଭିଯୋଗ କରି ସୋମବାର ଅପରାହ୍ନରେ ଆଳି ଥାନା ଘେରାଉ କରିଥିଲେ । ସ୍ପଷ୍ଟ ଦିବାଲୋକରେ ଗୌରାଙ୍ଗଙ୍କୁ ବିଚ ରାସ୍ତାରେ ହାତ ଗୋଡ଼ ବାନ୍ଧି ମାଡ଼ ମରାଯିବା ସହ ଅପହରଣ କରା ଯାଇଥିବା ବେଳେ ପୋଲିସ ଗୌରାଙ୍ଗର ଠିକଣା ପାଉଛି ନା ଅପହରଣ କାରୀଙ୍କ ନିକଟରେ ପହଞ୍ଚି ପାରୁଛି । ପୋଲିସ ଅନ୍ଧାରରେ ବାଡ଼ି ବୁଲାଉଥିବା ବେଳେ ଘଟଣାରେ ସାମିଲ ଥିବା ଅଭିଯୁଚ୍ ମାନେ ଖୁଲମଖୁଲା ବୁଲୁଛନ୍ତି ।ତେବେ ଘଟଣାକୁ ପାଞ୍ଚ ଦିନ ବିତି ଯାଇଥିବା ବେଳେ ଗୌରାଙ୍ଗ ଏବେ ଜୀବିତ କି ମୃତ ତାହା ସ୍ପଷ୍ଟ ଜଣା ପଡ଼ିନାହିଁ । ଅପର ପକ୍ଷରେ ନିଖୋଜ ଗୌରାଙ୍ଗଙ୍କୁ ବିଚ ରାସ୍ତାରେ ହାତଗୋଡ଼ ବାନ୍ଧି ମାଡ଼ ମରାଯିବା ଓ ନଦୀ ପଠାରେ ଗୋଡ଼ ହାତ ବନ୍ଧା ଅବସ୍ଥାରେ ପଡି ପାଣି ମାଗିବା ଭିଡିଓ ଭାଇରଲ ହେବା ପରେ ଆଳି ପୋଲିସର ପାରିବା ପଣିଆ ଉପରେ ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି । ତୁରନ୍ତ ନିଖୋଜ ଗୌରାଙ୍ଗଙ୍କ ସନ୍ଧାନ ନେଇ ପରିବାର ଲୋକଙ୍କ ନିକଟରେ ପହଞ୍ଚାଇବା ଓ ମାଡ଼ ମାରି ଅପହରଣ କରିଥିବା ଅପରାଧୀ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ଲୋକ ଦାବି କରିଛନ୍ତି । ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଘଟଣାର ତଦନ୍ତ ଜାରି ରହିଛି ବୋଲି ପଟ୍ଟାମୁଣ୍ଡାଇ ଏସ ଡିପିଓ ସୁକାନ୍ତ ପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ପବନ ବର୍ଷାରେ ଉଡିଗଲା ଘରର ଛପର



କନ୍ଧମାଳ(ମହାଭାରତ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ପାଙ୍ଗାଉପରସାହି ଗ୍ରାମପଞ୍ଚାୟତର ବାଲିଗଟା ସ୍ଲୁକିପଙ୍ଗା ଗ୍ରାମ ଠାରେ କାଳବୈଶାଖୀ ବର୍ଷା ପବନ ଯୋଗୁଁ ଶ୍ରୀଶରତ ଦିଗାଲ ର ଘର ସମ୍ପୁର୍ଣ୍ଣ ଭାବେ ଭାଙ୍ଗି କାଳବୈଶାଖୀ ଉଡେଇ ନେଇଛି । ଏହିପରି ବାଲନ୍ଧାପଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗିଉଗାଡି ଗ୍ରାମ ର ନିଜୁଗାଣା ସାହିର ମନ୍ଧଦରି ଦିଗାଲ ଘରର ଛପର ସମ୍ପୂର୍ଣ୍ଣ ଉଡେଇ ନେଇଛି । ସେହିପରି ଅନେକ ଗ୍ରାମରେ କାଳବୈଶାଖୀ ତାଣ୍ଡବ ରଚିଥିବାର ଦେଖିବାକୁ ମିଳିଛି । ଯେଉଁ ମାନଙ୍କର ଘର ଭାଙ୍ଗିଯାଇଛି । ସେହି ଲୋକମାନେ ରହିବାପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଶରତ ଦିଗାଲ ରାଜଶ୍ ନିରିକ୍ଷକ କାର୍ଯ୍ୟାଳୟ କୁ ଯାଇ ରାଜସ୍ ନିରିକ୍ଷକ କୁ ଦରଖାସ୍ତ ଦେଇଛି ବୋଲି କହିଛନ୍ତି । ସୁଚନା ଅନୁସାରେ ସୋମବାର ଦିନ ପାଙ୍ଗାଉପରସାହି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ କୁ ଯାଇ ସରପଞ୍ଚ ଜରିଆରେ ଦରଖାସ୍ତ ଦେବି କହି ମତପ୍ରକାଶ କରିଛନ୍ତି । ପବନରେ ଘର ସମ୍ପୁର୍ଣ୍ଣ ଭାଙ୍ଗିଥିବା ଦିଗାଲ କହିବା ଅନୁଯାୟୀ ମୋତେ ବ୍ଲକ ପ୍ରଶାସନ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଦେଲେ ମୁଁ ଘର ଟିଏ କରିବି ବୋଲି ଦାବିକରିଛନ୍ତି ସେହିପରି ଅନେକ ଗ୍ରାମର ଲୋକମାନେ ଘର ସମ୍ପୁର୍ଣ୍ଣ ଘର ଭାଙ୍ଗି ଯାଇଥିବା ମଧ୍ୟ ସୂଚନା ମିଳିଛି ।ଗ୍ରାମର ଲୋକମାନେ ନିଜ ରାଜସ୍ୱ ନିରିକ୍ଷକ କାର୍ଯ୍ୟାଳୟ କୁ ଯାଇ ଜରିପାଲ ମୋଧ ସାହାଯ୍ୟ ପାଇଛନ୍ତି । ବୋଲି ଅଞ୍ଚଳ ବାଶି ମତପ୍ରକାଶ କରିଛନ୍ତି । ଯେଉଁ ଲୋକମାନେ ପାଇନାହାନ୍ତି ।ସେହି ଲୋକମାନେ ପାଇବେ ବୋଲି କହିଛନ୍ତି । ସ୍ଥାନୀୟ

## ସିବିଏସଇ ରି-ଇଭାଲ୍ୟୁସନ ପୋର୍ଟାଲରେ ସାଇବର ଆଟାକ୍ ୱେବସାଇଟକୁ ହ୍ୟାକ୍ କରିବା ଚେଷ୍ଟା

ନୂଆଦିଲ୍ଲୀ : ସିବିଏସଇ ପୁନଃ ମୂଲ୍ୟାୟନ ପୋର୍ଟାଲରେ ସାଇବର ଆଟାକ୍। ବୋର୍ଡ ତରଫରୁ ମଙ୍ଗଳବାର ଏକ ବୟାନ ଜାରି କରାଯାଇଛି କି, ପୋର୍ଟାଲରେ ମନ୍ଦ ଉଦ୍ଦେଶ୍ୟରେ ଲୋକମାନେ ସାଇବର ଆଟାକ୍ କରି ସର୍ଭିସରେ ବାଧା ଦେବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ଆମ ସିଷ୍ଟମ ପୂର୍ବରୁ ଏଭଳି ଆଟାକରୁ ବର୍ତ୍ତିବା ପାଇଁ ପ୍ରସ୍ତୁତ ରହିଛି । ପିଲାମାନେ ବିନା କୌଣସି ସମସ୍ୟାରେ ନିଜର ସବମିଶନ ଜମା କରିପାରିବେ । ସିବିଏସଇ ବୋର୍ଡ ଜୁନ୍ ୨ ତାରିଖରେ ରି-ଇଭାଲ୍ୟୁସନ ପୋର୍ଟାଲ ଖୋଲିଛି । ଏହି ପୋର୍ଟଲ ୨୯ ମଇ ଏବଂ ଏହାପରେ ଜୁନ୍ ୧ ତାରିଖରେ ଖୋଲିବାର ଥିଲା, କିନ୍ତୁ ବିଳମ୍ବ ହେବା ଯୋଗୁଁ ଜୁନ୍ ୨ରେ ଖୋଲାଯାଇଥିଲା । ଜୁନ୍ ୨ରେ ଅପରାହ୍ନ ୩ଟା ଯାଏଁ ୧୬ ହଜାରରୁ ଅଧିକ ଛାତ୍ରଛାତ୍ରୀ ନିଜର ସବମିସନ କରିସାରିଛନ୍ତି । ବୋର୍ଡ କହିଛି ଯେ, ଏବେ ସିଷ୍ଟମ ୮ ହଜାରରୁ ଅଧିକ ୟୁଜର୍ସଙ୍କୁ ସପୋର୍ଟ କରୁଛି । ବୋର୍ଡ ତରଫରୁ କୁହାଯାଇଛି କି, ରି-ଇଭାଲ୍ୟୁସନ ପୋର୍ଟାଲରେ ପ୍ରଥମେ ହଶଲିୟା ଏକ ଡିନାଏଲ ଅଫ ସର୍ଭିସ ଆଟାକ୍ ହୋଇଥିଲା । ଯାହା ୨ ମିନିଟ ଭିତରେ ୧.୫ ମିଲିଅନ କ୍ଲିକ୍ ହୋଇଥିଲା । ୧ ଲକ୍ଷରୁ ଅଧିକ ଥର ବିନା ଅନୁମତିରେ ଫାଇଲକୁ ଆକ୍ସେସ କରିବାକୁ ଚେଷ୍ଟା କରାଯାଇଛି । କିନ୍ତୁ ଆମେ ଛାତ୍ରଛାତ୍ରୀଙ୍କ ଫିଡବ୍ୟାକ୍ ଆଧାରରେ ପ୍ଲାଟଫର୍ମକୁ ବହୁତ ଉନ୍ନତ କରିଛୁ ।

## ବୃଦ୍ଧାଙ୍କୁ ଦୁଷ୍କର୍ମ କଲା ଯୁବକ

ନୂଆଦିଲ୍ଲୀ: ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗର ଜିଲ୍ଲାରୁ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି । ଯାହାକୁ ଶୁଣିଲେ ଆପଣଙ୍କୁ ବି ଆଶ୍ଚର୍ଯ୍ୟ ଲାଗିବ। ଜଣେ ୨୮ ବର୍ଷୀୟ ଯୁବକ ୮୦ ବର୍ଷୀୟ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଏହି ଭୟଙ୍କର ଘଟଣା ଅଞ୍ଚଳବାସୀଙ୍କୁ ଥରହର କରିଛି । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପାଚୋଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ବ୍ୟକ୍ତିଙ୍କୁ ହେପାଜତକୁ ନେଇଛି । ପୋଲିସ ଅଭିଯୁକ୍ତଙ୍କୁ ମେଡିକାଲ୍ ଯାଞ୍ଚ ପାଇଁ ଛତ୍ରପତି ସମ୍ଭାଜୀନଗରର ସରକାରୀ ଭ୍ୟାଲି ହସ୍ପିଟାଲକୁ ନେଇଥିଲା । ଏହି ଜଘନ୍ୟ ଅପରାଧର ଖବର ପାଚୋଡ ଏବଂ ଆଖପାଖ ଅଞ୍ଚଳରେ ବ୍ୟାପିବା ମାତ୍ରେ ଜନସାଧାରଣଙ୍କ ରାଗ ବଢ଼ିବାକୁ ଲାଗିଥିଲା । ରାତିରେ ପାଚୋଡ ପୋଲିସ ଷ୍ଟେସନ ବାହାରେ ଉତ୍ତ୍ୟକ୍ତ ଲୋକଙ୍କ ବଡ଼ ଭିଡ଼ ଜମା ହୋଇଥିଲା । ଅଭିଯୁକ୍ତଙ୍କ ବିରୁଦ୍ଧରେ ଯଥାସମ୍ଭବ କଠୋର କାର୍ଯ୍ୟାନୁଷ୍ଠାନ ଏବଂ କଠୋର ଦଣ୍ଡ ଦାବି କରି କ୍ରୋଧିତ ବାସିନ୍ଦାମାନେ ପୋଲିସ ଷ୍ଟେସନକୁ ଘେରାଉ କରିଥିଲେ । ଫେବୃଆରୀ ମାସରେ ଛତିଶଗଡ଼ର ଧମତାରି ଜିଲ୍ଲାରେ ସମାନ ଏକ ଘଟଣା ସାମ୍ନାକୁ ଆସିଥିଲା । ଜଣେ ୨୫ ବର୍ଷୀୟ ବ୍ୟକ୍ତି ଜଣେ ୮୬ ବର୍ଷୀୟ ବୃଦ୍ଧା ମହିଳାଙ୍କୁ ଦୁଷ୍କର୍ମ କରିଥିଲା । ଏହି ଘୃଣ୍ୟ ଅପରାଧ କରିବା ପରେ ଅଭିଯୁକ୍ତମାନେ ପଳାଇ ଯାଇଥିଲେ । ଘଟଣା ସମୟରେ ବୃଦ୍ଧା ମହିଳାଙ୍କ ପୁଅ ଏବଂ ବୋହୂ କାମକୁ ଯାଇଥିଲେ । ସେ ଘରେ ଏକା ଥିଲେ । ଏହାର ସୁଯୋଗ ନେଇ ଅଭିଯୁକ୍ତମାନେ ସେମାନଙ୍କ ଘରେ ପଶି ତାଙ୍କୁ ଦୁଷ୍କର୍ମ କରିଥିଲେ । ମହିଳାଙ୍କୁ ଗୁରୁତର ଅବସ୍ଥାରେ ଧମତାରି ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ମହାରାଷ୍ଟ୍ରର ସମ୍ଭାଜିନଗରରେ ଏବେ ସମାନ ଏକ ଘଟଣା ସାମ୍ନାକୁ ଆସିଛି । ଏଠାରେ, ଜଣେ ୨୮ ବର୍ଷୀୟ ବ୍ୟକ୍ତି ସମସ୍ତ ମାନବିକ ସୀମା ପାର କରି ୮୦ ବର୍ଷୀୟ ବୃଦ୍ଧା ମହିଳାଙ୍କୁ ଦୁଷ୍କର୍ମ କରିଛି । କଥାରେ କୁହାଯାଉଛି- ଏ ମଣିଷଙ୍କୁ ଆଉ ଭରଷା ନାହିଁ ।

## ଆସନ୍ତା ଜୁନ୍ ୪ରେ କେରଳ ଛୁଇଁବ ମୌସୁମୀ

କେରଳମ : ଆସନ୍ତା ଜୁନ୍ ୪ରେ କେରଳମ ଛୁଇଁବ ମୌସୁମୀ । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୪ରେ କେରଳମ୍ ଛୁଇଁବା ନେଇ ଆଇଏମଡି ଆକଳନ କରିଛି । ଦକ୍ଷିଣ ପଶ୍ଚିମ ଓ ଦକ୍ଷିଣ ପୂର୍ବ ଆରବସାଗର ଲାକ୍ଷାଦ୍ୱୀପ ଦ୍ୱୀପପୁଞ୍ଜର ବିଭିନ୍ନ ସ୍ଥାନକୁ ମୌସୁମୀ ଅଗ୍ରସର ନେଇ ପାଗ ଅନୁକୂଳ ରହିଛି । ତାମିଲନାଡୁର ପଶ୍ଚିମ ଏବଂ ଦକ୍ଷିଣରେ ୧୫ରୁ ଅଧିକ ଜିଲ୍ଲାରେ ବର୍ଷା ଚେତାବନୀ ଜାରି ହୋଇଛି । ପାଣିପାଗ ବିଭାଗ ଅନୁସାରେ, ନୀଳଗିରି, କୋୟାମ୍ବାଟୁର, ଧେନୀ, ତିରୁପୁର, ଭିଲ୍ଲୋର, ରାନୀପେଟ ଭଳି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହି ସ୍ଥିତି ଜୁନ୍ ୭ ଯାଏଁ ରହିବ । ସେହିପରି କିଛି ସ୍ଥାନରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସରୁ ଅଧିକ ରହିବ । ଏଥିରେ ରାଜଧାନୀ ଚେନ୍ନାଇ ମଧ୍ୟ ସାମିଲ ରହିଛି । ଉତ୍ତର ତାମିଲନାଡୁର କିଛି ଭାଗରେ ତାପମାତ୍ରା ୨ ରୁ ୩ ଡିଗ୍ରୀ ସେଲସିୟସ ବଢ଼ିବାର ସମ୍ଭାବନା ରହିଛି । ସେପଟେ ଉତ୍ତରପ୍ରଦେଶରେ ମଧ୍ୟ ପାଣିପାଗ ସ୍ଥିତି ବଦଳୁଛି । ଅନେକ ଜିଲ୍ଲାରେ ବର୍ଷା ଓ ପବନ ହେଉଛି । ଫଳରେ ଲୋକଙ୍କୁ କିଛି ଆଶ୍ୱସ୍ତି ମିଳୁଛି । ଲକ୍ଷ୍ନୌ ସମେତ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ବର୍ଷା ଯୋଗୁଁ ଆଶ୍ୱସ୍ତି ମିଳିଛି ।

## ଓଲଟି ପଡିଲା ବସ୍, ଶିଶୁ ସମେତ ୨ ମୃତ

ରାଜସ୍ଥାନ : ଆଜି ସକାଳେ ରାଜସ୍ଥାନର ବାରା ଜିଲ୍ଲାର ଜାତୀୟ ରାଜପଥ ୨୭ରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ଗୋଟିଏ ଛୋଟ ଶିଶୁ କନ୍ୟା ସମେତ ୨ ଜଣଙ୍କର ମୃତ୍ୟୁ ଘଟିବାବେଳେ ଅନେକ ଲୋକ ଆହତ ହୋଇଛନ୍ତି । ବସଟି ଯାତ୍ରୀଙ୍କୁ ନେଇ କୋଟାରୁ କାନପୁର ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି । ଦ୍ରୁତ ଗତିରେ ଏହି ସ୍ଲିପର ବସଟି ଯାଉଥିବାରୁ ନିୟନ୍ତ୍ରଣ ହରାଇ ଫରେଦୁଆ ତଲହାଟି ଗାଁ ନିକଟରେ ଗାଡ଼ିଟି ଓଲଟି ପଡିଥିଲା ବୋଲି ସୂଚନା ମିଳିଛି । ସୂଚନାନୁଯାୟୀ, ଆଜି ପ୍ରାୟ ଭୋର ୪ ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ବସଟି ଯାଉଥିବା ସମୟରେ ସମସ୍ତ ଯାତ୍ରୀ ଗଭୀର ନିଦରେ ଶୋଇଥିଲେ । ସେହି ସମୟରେ ଫାରେଦୁଆ ତଲହାଟି ଗାଁ ନିକଟରେ ଏକ ମୋଡ଼େର ବସ୍ ଡ୍ରାଇଭର ନିୟନ୍ତ୍ରଣ ହରାଇ ଜାତୀୟ ରାଜପଥରେ ଓଲଟି ପଡିଥିଲା । ଫଳରେ ଘଟଣାସ୍ଥଳରେ ଚିତ୍କାର ଶୁଣିବାକୁ ମିଳିଥିଲା । ସ୍ଥାନୀୟ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହ ପୋଲିସକୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇ ତୁରନ୍ତ ପୋଲିସ ଏବଂ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚିଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ଆହତଙ୍କୁ ବସ୍ ଭିତରୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଡାକ୍ତରଙ୍କ ଅନୁଯାୟୀ, କିଛି ଯାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ଏବଂ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରନ୍ ଜିଲ୍ଲା ଡାକ୍ତରଖାନାକୁ ପଠାଯାଇଥିଲା। ଏଥିସହ ମୃତକଙ୍କୁ ପୋଷ୍ଟମର୍ଟମ ପାଇଁ ପଠାଯାଇଥିଲା । ଅନ୍ୟପଟେ ଡ୍ରାଇଭର ଶୋଇପଡିବା ଯୋଗୁ କିମ୍ବା ଦ୍ରୁତ ଗତିରେ ଗାଡ଼ି ଚଲାଇବା କାରଣରୁ ଏହି ଦୁର୍ଘଟଣା ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି । ଏଥିସହ ପୋଲିସ ଦୁର୍ଘଟଣାର କାରଣ ଜାଣିବାକୁ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଇବୋଲା ଆତଙ୍କ ମଧ୍ୟରେ ସଦ୍ୟ ନିର୍ଦ୍ଦେଶାବଳି ଜାରି କଲେ ସରକାର

ନୂଆଦିଲ୍ଲୀ : ଇବୋଲା ଭାଇରସ୍‌କୁ ନେଇ ସାରା ବିଶ୍ୱରେ ଆତଙ୍କ ଦେଖାଦେଇଥିବାବେଳେ ସରକାର ଏହି ଭାଇରସ୍‌କୁ ନେଇ ପୁଣି ଏକ ସଦ୍ୟ ନିର୍ଦ୍ଦେଶାବଳି ଜାରି କରିଛନ୍ତି। ଏକ ବିସ୍ତୃତ ବିବୃତିରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ ସ୍ପଷ୍ଟ କରିଛି ଯେ ଦେଶରେ ଏଯାବତ ଇବୋଲା ମାମଲା ଚିହ୍ନଟ ହୋଇନାହିଁ । ତେବେ ଯେଉଁମାନେ ଇବୋଲା ପ୍ରଭାବିତ ରାଷ୍ଟ୍ରକୁ ଗସ୍ତ କରିଛନ୍ତି ଏବଂ ସେମାନଙ୍କଠାରେ କିଛି ନିର୍ଦ୍ଦିଷ୍ଟ ଲକ୍ଷଣ ଦେଖାଦେଉଛି ସେମାନେ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କୁ ଅବଗତ କରନ୍ତୁ। ନିର୍ଦ୍ଦେଶାବଳିରେ କୁହାଯାଇଛି, ଯଦି ଆପଣ ଗତ ୨୧ ଦିନ ମଧ୍ୟରେ ଇବୋଲା ପ୍ରଭାବିତ ରାଷ୍ଟ୍ରରୁ ଏବଂ ଇବୋଲା ପ୍ରଭାବିତ



ରାଷ୍ଟ୍ର ଦେଇ ଯାତ୍ରା କରିଛନ୍ତି, ଏବଂ ଆପଣଙ୍କଠାରେ ଜ୍ୱର, ମୁଣ୍ଡବିନ୍ଧା, ବାନ୍ତି, ମାଂସପେଶୀରେ ଯନ୍ତ୍ରଣା, ଡାଇରିଆ ଭଳି ଲକ୍ଷଣ ଦେଖାଦେଉଛି ?ତେବେ ପୃଥକ୍ ରୁହନ୍ତୁ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କୁ ଅବଗତ କରନ୍ତୁ। କୌଣସି ପ୍ରକାର ସହଯୋଗ ପାଇଁ କର୍ତ୍ତୃପକ୍ଷମାନଙ୍କୁ ଯୋଗାଯୋଗ କରିବାପାଇଁ ସରକାର ମଧ୍ୟ ଏକ ହେଲ୍ପଲାଇନ ନମ୍ବର ୧୦୭୫ ସେୟାର କରିଛନ୍ତି। ନିର୍ଦ୍ଦେଶାବଳିରେ କୁହାଯାଇଛି ଯେ ଆଗୁଆ ରୋଗ ଚିହ୍ନଟ ଜୀବନ ବଞ୍ଚାଇଦେବ ଏବଂ ରୋଗ ବେଶୀ ବ୍ୟାପିବାକୁ ଦେବନାହିଁ। ଉଲ୍ଲେଖଯୋଗ୍ୟ ଯେ ଡିମୋକ୍ରାଟିକ ରିପବ୍ଲିକ ଅଫ କଙ୍ଗୋ, ଉଗାଣ୍ଡା ଏବଂ ଦକ୍ଷିଣ ସୁଦାନକୁ ଯାତ୍ରା ନକରିବାପାଇଁ ସରକାର ଏକ ନିର୍ଦ୍ଦେଶାବଳି ଜାରି କରିବାର କିଛି ଦିନ ପରେ ଆଜି ଏହି ସଦ୍ୟ ନିର୍ଦ୍ଦେଶାବଳି ଜାରି ହୋଇଛି। ଉଲ୍ଲେଖଯୋଗ୍ୟ ଇବୋଲା ଭାଇରସ୍ ଯୋଗୁ ପ୍ରଭାବିତ ରାଷ୍ଟ୍ରମାନଙ୍କରେ ଏଯାବତ ମୃତ୍ୟୁ ସଂଖ୍ୟା ୨୦୦ ଟପିଥିବାବେଳେ ୧୦୭୭ ସନ୍ଦିଗ୍ଧ ମାମଲା ରହିଛି।

## ସିଲିଣ୍ଡର ବିସ୍ଫୋରଣରେ ୬ ମୃତ

ନୂଆଦିଲ୍ଲୀ : ଦିଲ୍ଲୀର ମୁକୁନ୍ଦପୁର ଅଞ୍ଚଳରେ ସିଲିଣ୍ଡର ବିସ୍ଫୋରଣ ପରେ ଏକ ବିଲିଡିଂ ସଂପୂର୍ଣ୍ଣ ଭାବେ ଭୁଶୁଡି ପଡିଛି । ବିଲିଡିଂ ଭୁଶୁଡିବା ଯୋଗୁଁ ଏହା ତଳେ ଅନେକ ଦବିଥିବା ଆଶଙ୍କା କରାଯାଉଛି । ଘଟଣା ବିଷୟରେ ସୂଚନା ମିଳିବା ପରେ ଦମକଳ ବିଭାଗ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଭଗ୍ନାବଶେଷ ହଟାଇ ଆହତଙ୍କୁ ଉଦ୍ଧାର କରାଯାଉଛି । ସୂଚନା ମୁତାବକ, ମୁକୁନ୍ଦପୁର-୨ ଲେନ ନମ୍ବର ୧ ସ୍ଥିତି ଈଶୁ ବିହାରରେ ଘଟିଛି ଅଘଟଣ । ସିଲିଣ୍ଡର ବ୍ଲାଷ୍ଟ ଯୋଗୁଁ ବିସ୍ଫୋରଣ ହୋଇଥିଲା । ଏହି ଘର ୨୫୦ ସ୍କୋୟାର ୟାର୍ଡରେ ତିଆରି ଥିଲା । ଅଗ୍ନିଶମ ଟିମ୍ କୁ ସକାଳ ୯.୩୦ ସମୟରେ ଫୋନ ଯୋଗେ ସୂଚନା ମିଳିଥିଲା । ଘଟଣାରେ ୪-୫ ଜଣ ଆହତ ହୋଇଛନ୍ତି । ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକ ତୁରନ୍ତ ଚିକିତ୍ସା ପାଇଁ ହସପିଟାଲକୁ ପଠାଇଥିଲେ । ଏହାପରେ ଦିଲ୍ଲୀ ଫାୟାର ସର୍ଭିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଅନ୍ୟ ଲୋକଙ୍କୁ ଉଦ୍ଧାର କରିବା ଆରମ୍ଭ କରିଥିଲେ ।

# ଆମେରିକାରେ ୩୦ ଭାରତୀୟ ଟ୍ରକ ଡ୍ରାଇଭର ଗିରଫ ଅବୈଧ ଭାବେ ରହୁଥିଲେ ଏବେ ଫେରିବେ


ନୂଆଦିଲ୍ଲୀ : ଆମେରିକୀୟ ଏଜେନ୍ସୀ ଅବୈଧ ଭାବେ ରହୁଥିବା ୩୦ରୁ ଅଧିକ ଭାରତୀୟଙ୍କ ଗିରଫ କରିଛି । ଏମାନେ ବେଆଇନ ଭାବେ ରହି ବ୍ୟବସାୟିକ ଟ୍ରକ୍ ଚଲାଉଥିଲେ । ଆମେରିକା ଫେଡେରାଲ୍ ଏଜେନ୍ସି ପକ୍ଷରୁ ଚଲାଇଯାଇଥିବା ଏକ ବଡ଼ ଧରଣର ସ୍ୱତନ୍ତ୍ର ଅଭିଯାନ ସମୟରେ ଏହି ଗିରଫଦାରୀ ହୋଇଛି । ଖବୁଶୀଘ୍ର ଏମାନଙ୍କୁ ଭାରତ ଡିପୋର୍ଟ କରାଯିବ ବୋଲି ଜଣାପଡିଛି । ଆମେରିକା କଷ୍ଟମ୍ସ ଆଣ୍ଡ ବୋର୍ଡର ପ୍ରୋଟେକ୍ସନ ଜାରି କରିଥିବା ଏକ ବିବୃତି ଅନୁଯାୟୀ, ଗତ ମେ ୧୧ ରୁ ୧୫ ତାରିଖ ମଧ୍ୟରେ ଏରିଜୋନାର ୟୁମା ସେକ୍ଟରର ସୀମା ସୁରକ୍ଷା ବାହିନୀ ପକ୍ଷରୁ ଅପରେସନ ଚେକମେଟ୍ ଆରମ୍ଭ କରାଯାଇଥିଲା । ଏହି ଅପରେସନ ଜରିଆରେ ଆମେରିକାରେ ବେଆଇନ ଭାବେ ରହୁଥିବା ୫୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ, ସେମାନଙ୍କ ମଧ୍ୟରୁ ୩୬ ଜଣ ବେଆଇନ ଭାବେ ବଡ଼ ବଡ଼ ସେମି-ଟ୍ରକ୍ ଚଲାଉଥିବା ବେଳେ ଧରାପଡିଥିଲେ



। ଏହି ୩୬ ଜଣ ଟ୍ରକ୍ ଚାଳକଙ୍କ ମଧ୍ୟରୁ ୩୦ ଜଣ ଭାରତର ହୋଇଥିବା ବେଳେ ବାକି ୬ ଜଣ ମେକ୍ସିକୋ, ଏଲ୍ ସାଲଭାଡୋର ଏବଂ ରୁଷିଆର ବୋଲି ଚିହ୍ନଟ କରାଯାଇଛି । ତେବେ ତଦନ୍ତରୁ ଜଣାପଡିଛି ଯେ, ଏହି ଚାଳକମାନଙ୍କ ମଧ୍ୟରୁ ଅଧିକାଂଶ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ ପ୍ରଶାସନ ସମୟରେ ରୋଜଗାର ଅନୁମତି ପତ୍ର ହାସଲ କରିଥିଲେ । ଯାହାର ଅବଧି ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଯାଇଥିଲା । ତେଣୁ ଗିରଫ ହୋଇଥିବା ସମସ୍ତ ବ୍ୟକ୍ତିଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯାଇଛି । ଆଉ ଏମାନଙ୍କୁ ଖୁବଶୀଘ୍ର ଡିପୋର୍ଟ କରାଯିବ ବୋଲି ଜଣାପଡିଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଅଧିନରେ ପରିବହନ ବିଭାଗ ଏକ ଆଦେଶ ଜାରି କରିଥିଲା । ଏଥିରେ ଅଯୋଗ୍ୟ ବିଦେଶୀ ଚାଳକଙ୍କୁ କର୍ମସିଆଲ ଟ୍ରକ ଏବ ବସ୍ ଚଲାଇବାର ଲାଇସେନ୍ସ ଦେବାକୁ ରୋକ୍ ଲଗାଯାଇଛି । ସୂଚନାଯୋଗ୍ୟ, ଗତ କିଛି ମାସ ହେଲାଣି ଆମେରିକାରେ ଏମିତି ଘଟଣା ଦେଖିବାକୁ ମିଳିଛି । ଏଠାରେ ଭାରତୀୟ ମୂଳ ଟ୍ରକ ଡ୍ରାଇଭର ଗିରଫ ହୋଇଛନ୍ତି । ଏହି ଡ୍ରାଇଭର କର୍ମସିଆଲ ବାହାନ ଚଲାଇବା ସମୟରେ ଦାୟିତ୍ୱହୀନତା ଏବଂ ଦୁର୍ଘଟଣା କରିଥିବା ସଙ୍ଗୀନ ଅଭିଯୋଗ ହୋଇଛି ।

## ଗୁଜରାଟର ବିଭିନ୍ନ ସ୍ଥାନରେ ଇଡି ଚଢ଼ଉ

ନୂଆଦିଲ୍ଲୀ: କୁଖ୍ୟାତ ଆତଙ୍କବାଦୀ ଦାଉଦ ଇବ୍ରାହିମର ଘନିଷ୍ଠ ସହଯୋଗୀ ତଥା ଡ୍ରଗ୍ ଚୋରାଚାଲାଣକାରୀ ମହମ୍ମଦ ସଲିମ ଡୋଲା ସହ ଜଡ଼ିତ ଏକ ଡ୍ରଗ୍ସ ଏବଂ ମନି ଲଣ୍ଡରିଂ ମାମଲାରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଆଜି ମହାରାଷ୍ଟ୍ର ଏବଂ ଗୁଜରାଟର ବିଭିନ୍ନ ସ୍ଥାନରେ ଚଢ଼ଉ କରିଛି । ଇଡି ମୁମ୍ବାଇର ୨୦ଟି ସ୍ଥାନରେ ଏବଂ ଗୁଜରାଟର ସୁରଟ, ରାଜକୋଟ ଏବଂ ଅଙ୍କଲେଶ୍ୱରରେ ଚଢ଼ଉ କରିଛି । ପିଏମଏଲଏ ( ପିଭେନସନ ଅଫ୍ ମନି ଲଣ୍ଡରିଂ ଆକ୍ଟ) ଅଧୀନରେ ଏକ ମାମଲା ରୁଜୁ ହେବାପରେ ଇଡି ଏହି ଚଢ଼ଉ କରିଛି । ସଲିମ ଇସମେଲ ଡୋଲା ଭାବେ ଜଣାଶୁଣା ଦାଉଦର ଏହି ସହଯୋଗୀ ନିକଟରେ ତୁର୍କୀରୁ



ପ୍ରତ୍ୟର୍ପିତ ହୋଇଥିଲା ଏବଂ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା ପରେ ତାକୁ ଏନ୍‌ସିବି (ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ) ଗିରଫ କରିଥିଲା। ସେ ଟ୍ରାନ୍ସନ୍ୟାସନାଲ ଡ୍ରଗ ଟ୍ରାଫିକିଂ ସିଣ୍ଡିକେଟ୍‌ର ପରିଚାଳନା କରୁଛି ବୋଲି ନାର୍କୋଟିକ୍ସ ବିରୋଧୀ ସଂସ୍ଥା ଗୁଡ଼ିକ ଅଭିଯୋଗ କରିଛନ୍ତି। ଇଡି ଅଧିକାରୀଙ୍କ ଅନୁଯାୟୀ ବେଆଇନ ନାର୍କୋଟିକ ଡ୍ରଗ୍ସ ଚୋରାଚାଲାଣ ଅଭିଯୋଗ ନେଇ ମୁମ୍ବାଇରେ ଡୋଲା ଏବଂ ଅନ୍ୟମାନଙ୍କ ବିରୋଧରେ ରୁଜୁ ହୋଇଥିବା ଏତଲା ଆଧାରରେ ମନି ଲଣ୍ଡରିଂ ମାମଲା ରୁଜୁ ହୋଇଛି। ଏନ୍‌ସିବି କହିଛି ଯେ ଡୋଲା ଗତ ୨୦ ବର୍ଷ ଧରି ମଧ୍ୟପ୍ରାଚ୍ୟ, ଆଫ୍ରିକା ଏବଂ ୟୁରୋପରେ ଏକ ଡ୍ରଗ୍ ନେଟୱର୍କ ସୃଷ୍ଟି କରିଥିଲା ଏବଂ ଏନ୍‌ସିବି, ମହାରାଷ୍ଟ୍ର ପୋଲିସ, ଗୁଜରାଟ ଏଟିଏସ୍ ଏବଂ ଡିଆର୍‌ଆଇ ସମେତ ଏକାଧିକ ଭାରତୀୟ ସଂସ୍ଥା ତାକୁ ଖୋଜୁଥିଲା।

## ୟୁକ୍ରେନ ଉପରେ ରୁଷ୍‌ର ଜୋରଦାର ଆକ୍ରମଣ: ୧୮ ମୃତ

କିବ୍: ରୁଷ୍ ଗତ ରାତିରେ କିବ୍ ଓ ୟୁକ୍ରେନର ଅନ୍ୟାନ୍ୟ ସହର ଉପରେ ଶହ ଶହ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡ଼ କରିଛି, ଯେଉଁଥିରେ ଅତି କମ୍‌ରେ ୧୮ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି ଏବଂ ୧୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଅଧିକାରୀମାନେ କହିଛନ୍ତି ଯେ, ଆପାର୍ଟମେଣ୍ଟ କୋଠାର ଭଗ୍ନାବଶେଷ ତଳେ କିଛି ଲୋକ ଫସି ରହିଥିଲେ, ଯେଉଁଥିରେ ଏକ ୩ ବର୍ଷର ଶିଶୁ, ଜଣେ ମାଆ ଓ ତାଙ୍କ ୮ ବର୍ଷ ପୁଅର ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଆକ୍ରମଣ ଗତରାତିରୁ ଆଜି ପୂର୍ବାହ୍ନ ପର୍ଯ୍ୟନ୍ତ ଚାଲିଥିଲା । ରୁଷ୍ ଏକ ବଡ଼ ଧରଣର ବିମାନ ଆକ୍ରମଣ ହେବାକୁ ଯାଉଛି ବୋଲି ଚେତାବନୀ ଦେବା ଏବଂ ବିଦେଶୀ କୂଟନୀତିଜ୍ଞମାନଙ୍କୁ ୟୁକ୍ରେନର ରାଜଧାନୀ ଛାଡିବାକୁ କହିବା ପରେ କିବ୍ ବାସିନ୍ଦା କିଛି ଦିନ ଧରି ଆତଙ୍କରେ ଥିଲେ। ଏହି ଆକ୍ରମଣ ପରେ ୟୁକ୍ରେନ ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କି କହିଛନ୍ତି ଯେ ଏହାର ଜବାବରେ ପାଲଟା ଆକ୍ରମଣ କରାଯିବ। ୟୁକ୍ରେନର ଆମେରିକା ନିର୍ମିତ ପାଟ୍ରିଅଟ୍ ଏୟାର୍ ଡିଫେନ୍ସ କ୍ଷେପଣାସ୍ତ୍ରର ଅଭାବର ଲାଭ ଉଠାଇବାକୁ ଚେଷ୍ଟା କରୁଛି ରୁଷ୍, କାରଣ ଇରାନ ଯୁଦ୍ଧ ଦ୍ୱାରା ପାଟ୍ରିଅଟ୍‌ର ଅନ୍ତର୍ଜାତୀୟ ଷ୍ଟକ୍ ହ୍ରାସ ପାଇଛି। ଏହା ସାଧାରଣ ନାଗରିକଙ୍କୁ ରୁଷ୍ ?ର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପାଇଁ ବିଶେଷ ଭାବରେ ଅସୁରକ୍ଷିତ କରିଛି।

# ଟିଏମ୍‌ସିକୁ ଭାଙ୍ଗି ଦଳର ଚିହ୍ନ ଦାବି କରିପାରନ୍ତି ୫୦ରୁ ଅଧିକ ବିଧାୟକ

କୋଲକାତା: ମମତା ବାନାର୍ଜୀ ତିନି ଦଶନ୍ଧି ପୂର୍ବେ ଗଠନ କରିଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଉପରେ ନିୟନ୍ତ୍ରଣ ହରାଇବାକୁ ଯାଉଛନ୍ତି କି? ସମ୍ଭାବ୍ୟ ଦଳବଦଳ, ଏକ ହୋଟେଲରେ ୫୦ରୁ ଅଧିକ ବିଧାୟକଙ୍କ ଗୁପ୍ତ ବୈଠକ ଏବଂ ଏକ ବିଦ୍ରୋହୀ ଗୋଷ୍ଠୀର ଆବିର୍ଭାବ ଏପରି ଗୁଜବକୁ ଇନ୍ଧନ ଯୋଗାଇଛି। ବିଦ୍ରୋହୀ ବିଧାୟକମାନେ ଟିଏମ୍‌ସି ଓ ଏହାର ନିର୍ବାଚନ ଚିହ୍ନ ଉପରେ ଦାବି କରିପାରନ୍ତି। ନିଲମ୍ବିତ ହୋଇଥିବା ଦଳର ଜାତୀୟ ମୁଖପାତ୍ର ରଜୁ ଦତ୍ତ ଏପରି ସମ୍ଭାବନା ପ୍ରକାଶ କରିଛନ୍ତି। ତୃଣମୂଳ କଂଗ୍ରେସ ମଧ୍ୟରେ ସଙ୍କଟ ଗଭୀର ହେବାରେ ଲାଗିଛି ଏବଂ ମମତା ତାଙ୍କ ଦଳକୁ ଏକାଠି ରଖି ଟିଏମ୍‌ସି ଉପରେ ନିୟନ୍ତ୍ରଣ ବଜାୟ ରଖିପାରିବେ କି ନାହିଁ ସେ ନେଇ ପ୍ରଶ୍ନ ଉଠୁଛି। ଗୁଜବ ମଧ୍ୟରେ ରଜୁ ଦତ୍ତ ଦାବି କରିଛନ୍ତି ଯେ ପ୍ରାୟ ୫୦ ଜଣ ବିଧାୟକ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଦଳରୁ ଅଲଗା ହେବା ଏବଂ ଏହାର ନିର୍ବାଚନୀ ପ୍ରତୀକ ଉପରେ ଦାବି କରିବାକୁ ଚାହୁଁଛନ୍ତି। ୧୯୯୮ରେ ମମତା ବାନାର୍ଜୀ ଦଳ ପ୍ରତିଷ୍ଠା କରିବା ପରଠାରୁ ଟିଏମ୍‌ସି ବୋଧହୁଏ ଏହାର ସବୁଠାରୁ ବଡ ଆଭ୍ୟନ୍ତରୀଣ ସଙ୍କଟ ଦେଇ ସଂଘର୍ଷ କରୁଛି। ଟିଏମ୍‌ସିର ପ୍ରାୟ ୫୦ ଜଣ ବିଧାୟକ ଏକ ପୃଥକ୍ ବୈଠକରେ ଯୋଗ ଦେଇଥିବାର ଦାବି ସାମ୍ନାକୁ ଆସିବା ପରେ, ମଙ୍ଗଳବାର କୋଲକାତାର ରାଣୀ ରାସମଣି ଆଭେନ୍ୟୁରେ କେବଳ



ହାତଗଣତି ବିଧାୟକ ଓ ସାଂସଦଙ୍କୁ ଦେଖିବାକୁ ମିଳିଥିଲା, ଯେଉଁଠାରେ ଦଳର ସୁପ୍ରିମୋ ମମତା ବାନାର୍ଜୀ ବୈଠକ କରୁଥିଲେ। ସେମାନଙ୍କ ମଧ୍ୟରେ ବିଧାୟକ ଶୋଭନଦେବ ଚଟ୍ଟୋପାଧ୍ୟାୟ, ନୟନା ବନ୍ଦୋପାଧ୍ୟାୟ, ମଦନ ମିତ୍ର, ଅଶୋକ ଦେବ ଓ ଅସୀମା ପାତ୍ରଙ୍କ ସମେତ ସାଂସଦ ଡୋଲା ସେନ୍ ଓ କଲ୍ୟାଣ ବାନାର୍ଜୀ ମଧ୍ୟ ଉପସ୍ଥିତ ଥିଲେ। ବିରୋଧୀ ଦଳ ନେତାଙ୍କ ନିଯୁକ୍ତିରେ ନକଲି ଦସ୍ତଖତ, ଦୁଇ ବିଧାୟକ ରତବ୍ରତ ବାନାର୍ଜୀ ଓ ସନ୍ଦୀପନ ସାହାଙ୍କ ବହିଷ୍କାରକୁ ନେଇ ବିବାଦ ଏବଂ ବିଧାୟକ ଓ ବରିଷ୍ଠ ନେତାମାନଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷର ଖବର ଦଳ ଭିତରେ ବିଦ୍ରୋହର କଳ୍ପନାଜଳ୍ପନାକୁ ଇନ୍ଧନ ଦେଇଛି। ଦତ୍ତ ଗଣମାଧ୍ୟମକୁ କହିଛନ୍ତି ଯେ ଅନେକ ନବନିର୍ବାଚିତ ଟିଏମ୍‌ସି ବିଧାୟକ ଚାହୁଁଛନ୍ତି ପଶ୍ଚିମବଙ୍ଗ ବିଧାନସଭାରେ ରତବ୍ରତ ବାନାର୍ଜୀ ବିରୋଧୀ ଦଳ ନେତା (ଏଲ୍‌ଓପି) ହୁଅନ୍ତୁ। ମମତାଙ୍କ ନେତୃତ୍ୱାଧୀନ ଦଳ ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କ ନାମ ପ୍ରସ୍ତାବ ଦେଇଛି। ମମତା ଓ ତାଙ୍କ ସହଯୋଗୀ କୁନାଲ ଘୋଷଙ୍କ ସମେତ ଟିଏମ୍‌ସି ନେତୃତ୍ୱ ଦଳ ମଧ୍ୟରେ ମତଭେଦ ଥିବା ସ୍ୱୀକାର କରିଛନ୍ତି। ମମତା ଏକ ଫେସବୁକ୍ ଲାଇଭ୍‌ରେ କହିଛନ୍ତି, ପୋଲିସର ଚାପରେ ଟିଏମ୍‌ସି ବିଧାୟକମାନଙ୍କୁ ଧମକ ଦିଆଯାଉଛି। କୁନାଲ ଘୋଷ ବିଦ୍ରୋହୀ ବିଧାୟକମାନଙ୍କୁ ବିଭ୍ରାନ୍ତ ନ ହେବାକୁ ହାତ ଯୋଡ଼ି ନିବେଦନ କରିଛନ୍ତି। ଘୋଷ ଅଭିଯୋଗ କରିଛନ୍ତି ଯେ ରତବ୍ରତ ଦଳର ନେତୃତ୍ୱକୁ ନ ଜଣାଇ ରୁଦ୍ଧଦ୍ୱାର ବୈଠକ ଆୟୋଜନ କରି ଦଳରେ ବିଭାଜନ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। ରଜୁ ଦତ୍ତ କହିଛନ୍ତି ଯେ ନବନିର୍ବାଚିତ ଟିଏମ୍‌ସି ବିଧାୟକଙ୍କ ଏକ ଗୋଷ୍ଠୀ ବହିଷ୍କୃତ ବିଧାୟକ ରତବ୍ରତ ବାନାର୍ଜୀଙ୍କୁ ବିରୋଧୀ ଦଳ ନେତା ଭାବରେ ଉପସ୍ଥାପନ କରିବାକୁ ଚାହୁଁଛନ୍ତି। ସେମାନେ ନିଜକୁ ପ୍ରକୃତ ତୃଣମୂଳ କଂଗ୍ରେସ ବୋଲି ଦାବି କରୁଛନ୍ତି। ଏହି ୫୦ ଜଣ ବିଧାୟକ ତୃଣମୂଳ କଂଗ୍ରେସକୁ ଭାଙ୍ଗିବାକୁ ଚାହୁଁଛନ୍ତି। ପଶ୍ଚିମବଙ୍ଗରେ ନିର୍ବାଚନ ଫଳ ପ୍ରକାଶ ପାଇବାର କିଛି ଦିନ ପରେ ମେ ୯ ତାରିଖରେ ଟିଏମ୍‌ସି ଏହାର ଜାତୀୟ ମୁଖପାତ୍ର ରଜୁ ଦତ୍ତଙ୍କୁ ଛଅ ବର୍ଷ ପାଇଁ ଦଳରୁ ନିଲମ୍ବିତ କରିଥିଲା। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଟିଏମ୍‌ସିର ପରାଜୟ ପରେ ଦଳ ବିରୋଧୀ ମନ୍ତବ୍ୟ ଓ ଅନୁଶାସନହୀନତା ହେତୁ ଦଳ ଏହି ପଦକ୍ଷେପ ନେଇଛି ବୋଲି କହିଛି। ଦତ୍ତ ଏକ ଭିଡିଓ ପୋଷ୍ଟ କରି ଅଭିଯୋଗ କରିଛନ୍ତି ଯେ ଟିଏମ୍‌ସି କର୍ମୀମାନେ ତାଙ୍କୁ ଓ ତାଙ୍କ ପରିବାରକୁ ଧମକ ଦେଉଛନ୍ତି ଏବଂ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିଥିବାରୁ ବିଜେପି ନେତାମାନଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

୨୯୪ ସଦସ୍ୟ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭାରେ ଟିଏମ୍‌ସିର ୮୦ ବିଧାୟକ ଅଛନ୍ତି। ଦଳବଦଳ ବିରୋଧୀ ବ୍ୟବସ୍ଥା ଅଧୀନରେ, ଅଯୋଗ୍ୟତାକୁ ଏଡାଇବା ପାଇଁ ଏକ ବିଚ୍ଛିନ୍ନ ଗୋଷ୍ଠୀକୁ ପ୍ରାୟ ଦୁଇ ତୃତୀୟାଂଶ ବିଧାୟକଙ୍କ ସମର୍ଥନ ଆବଶ୍ୟକ ହେବ। ପ୍ରାୟ ୫୩ ଜଣ ବିଧାୟକଙ୍କ ସମର୍ଥନ ମିଳିଲେ ଏହା ସମ୍ଭବ ହେବ। ବିରୋଧୀଙ୍କ ପାଇରେ ୫୦ରୁ ଅଧିକ ବିଧାୟକଙ୍କ ସମର୍ଥନ ଥିବା ଏବଂ ଜୁନ୍ ୧୮ ତାରିଖରୁ ଆରମ୍ଭ ହେବାକୁ ଥିବା ପଶ୍ଚିମବଙ୍ଗ ବିଧାନସଭାର ବଜେଟ୍ ଅଧିବେଶନ ସୁଦ୍ଧା ଦଳ ପ୍ରଭାବଶାଳୀ ଭାବରେ ଭାଙ୍ଗିପାରେ ବୋଲି କୁହାଯାଉଛି।

# ଟେଷ୍ଟ କ୍ରିକେଟର ନିୟମ ପରିବର୍ତ୍ତନ କଲା ଆଇସିସି

ନୂଆଦିଲ୍ଲୀ,୦୨।୦୬: ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ଟେଷ୍ଟ କ୍ରିକେଟର ନିୟମରେ ଏକ ବଡ଼ ପରିବର୍ତ୍ତନ ଆଣିଛି। ପ୍ରକୃତରେ, ଟେଷ୍ଟ ମ୍ୟାଚ୍‌ରେ ଦିନ ସମୟରେ ବେଳେବେଳେ କମ୍ ଆଲୋକ ପାଇଁ ଖେଳକୁ ପ୍ରାୟତଃ ଶୀଘ୍ର ଶେଷ କରିବାକୁ ପଡ଼ିଥାଏ। ଏହାର ସମାଧାନ ସ୍ୱରୂପ, ଆଇସିସି କମ୍ ଆଲୋକ ସମୟରେ ଗୋଲାପୀ ବଲ୍ ଅର୍ଥାତ୍ ପିଙ୍କ୍ ବଲ୍ ବ୍ୟବହାରକୁ ଅନୁମୋଦନ କରିଛି। ତଥାପି, ବର୍ତ୍ତମାନ ସୁଦ୍ଧା, ଏହା କେବଳ ପରୀକ୍ଷାମୂଳକ ଭାବରେ ରହିଛି।

ଆଇପିଏଲ ୨୦୨୬ ଫାଇନାଲ ଦିନ ଅର୍ଥାତ୍ ମେ ୩୧ ତାରିଖରେ ଅହମ୍ମଦାବାଦରେ ଆଇସିସି ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ସମୟରେ ଗୋଲାପୀ ବଲ୍ ବ୍ୟବହାର ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। ଏହି ନିଷ୍ପତ୍ତିର ଉଦ୍ଦେଶ୍ୟ ହେଉଛି ଟେଷ୍ଟ ମ୍ୟାଚ୍‌ରେ ବୋଲିଂ ହୋଇଥିବା ଓଭର ସଂଖ୍ୟାକୁ ସର୍ବାଧିକ କରିବା। ସାଧାରଣତଃ, ଖରାପ ଆଲୋକ ପରିସ୍ଥିତି ଯୋଗୁଁ ଖେଳ ଶୀଘ୍ର ବନ୍ଦ କରିଦିଆଯାଏ, ଯାହା ଫଳରେ ମ୍ୟାଚ୍ ସମୟରେ ବୋଲିଂ ହୋଇଥିବା ମୋଟ ଓଭର ସଂଖ୍ୟା ହ୍ରାସ ପାଏ। ଉଲ୍ଲେଖଯୋଗ୍ୟ ଯେ, କ୍ରିକେଟ ଇତିହାସରେ ପ୍ରଥମ ଥର ୨୦୧୫ ରେ ପିଙ୍କ୍ ବଲରେ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିଲା। ସେହି ମ୍ୟାଚ୍ ରେ ଅଷ୍ଟ୍ରେଲିଆ ନ୍ୟୁଜିଲ୍ୟାଣ୍ଡକୁ ୩ ୱିକେଟରେ ପରାସ୍ତ କରିଥିଲା। ସେବେଠାରୁ, ବିଭିନ୍ନ ଦେଶ ମଧ୍ୟରେ ସମୟ ସମୟରେ ପିଙ୍କ୍ ବଲ୍ ବ୍ୟବହାର କରି ମ୍ୟାଚ୍ ଖେଳାଯାଇଆସୁଛି। ଉଭୟ ଦଳ ରାଜି ହେଲେ କେବଳ କମ୍ ଆଲୋକ ସମୟରେ ପିଙ୍କ୍ ବଲ୍ ବ୍ୟବହାର କରାଯାଇପାରିବ।

ଆଇସିସି ଆଉ ଏକ ବଡ଼ ପରିବର୍ତ୍ତନ ଆଣିଛି। ଏବେ, ଯେତେବେଳେ ମ୍ୟାଚ୍ ସମୟରେ ପାନୀୟ ବିରତି ହେବ, ସେତେବେଳେ କୋଚ୍ ମାନଙ୍କୁ ଖେଳାଳିଙ୍କ ସହ ଯୋଗାଯୋଗ କରିବା ପାଇଁ ଖେଳ ପଡ଼ିଆରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ। ଅହମ୍ମଦାବାଦରେ ଅନୁଷ୍ଠିତ ଏକ ବୈଠକ ସମୟରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ଅନୁମୋଦନ କରାଯାଇଥିଲା। ଏହା ସହିତ, ମ୍ୟାଚ୍ ଅଧିକାରୀମାନେ ଏବେ ସନ୍ଦେହଜନକ ବେଆଇନ କାର୍ଯ୍ୟ ସହିତ ବୋଲରଙ୍କୁ ଚିହ୍ନଟ କରିବା ପାଇଁ ହକ୍-ଆଇ ଡାଟା ଆକ୍ସେସ୍ କରିପାରିବେ। ଏହି ନୂତନ ନିୟମ ୧ ଅକ୍ଟୋବର, ୨୦୨୬ ରେ କାର୍ଯ୍ୟକାରୀ ହେବାକୁ ଯାଉଛି।

# ସେମିରେ ଭାରତ

ଗୋଆ,୦୨।୦୬: ସାଫ ମହିଳା ଚାମ୍ପିଅନସିପ୍‌ରେ ଭାରତର ପ୍ରଦର୍ଶନ ବେଶ ଉନ୍ନତ ରହିଛି । ଗ୍ରୁପ ବି'ରେ ଟପ୍ପର ହୋଇ ଦଳ ସେମି ଫାଇନାଲରେ ପ୍ରବେଶ କରିଛି । ଆସନ୍ତା ୩ ତାରିଖରେ ପ୍ରଥମ ସେମି ଫାଇନାଲରେ ନେପାଳ-ବାଂଲାଦେଶ ଏବଂ ଦ୍ୱିତୀୟ ସେମି ଭାରତ-ଭୁଟାନ ମଧ୍ୟରେ ଖେଳାଯିବ।

ଭାରତ ଗ୍ରୁପର ଅନ୍ତିମ ମ୍ୟାଚ୍‌ରେ ଦଳ ବାଂଲାଦେଶକୁ ଭେଟିଥିଲା । ଏଥିରେ ଭାରତ ଏକତରଫା ଭାବେ ୩-୦ ଗୋଲରେ ବିଜୟୀ ହୋଇଥିଲା । ଭାରତ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରଭାବ ବିସ୍ତାର କରି ଖେଳିଥିଲା । ୩୫ ମିନିଟ ପର୍ଯ୍ୟନ୍ତ ଖେଳ ଗୋଲଶୂନ୍ୟ ରହିଥିଲା । ଓଡିଆ ଫରୱାର୍ଡ ପ୍ୟାରୀ ଖାଖା ୩୬ ମିନିଟରେ ଦଳ ଗୋଲ ଖାତା ଖୋଲିଥିଲେ । ଦ୍ୱିତୀୟାର୍ଦ୍ଧରେ ଦଳ ଆଉ ୨ଟି ଗୋଲ୍ ଦେଇଥିଲା । ୭୮ ମିନିଟରେ ଲିଣ୍ଡା କୋମ ଓ ୯୦+୧ ମିନିଟରେ ମାଳବିକା ପ୍ରସାଦ ଗୋଟିଏ ଲେଖାଏଁ ଗୋଲ୍ ଦେଇ ଦଳକୁ ଜିତାଇଥିଲେ। ଶେଷ ପର୍ଯ୍ୟନ୍ତ ବାଂଲାଦେଶ ଗୋଲ ଖାତା ଖୋଲିପାରି ନଥିଲା ।

# ପ୍ରେମାନନ୍ଦ ମହାରାଜଙ୍କଠାରୁ ଆଶୀର୍ବାଦ ନେଲେ ବିରୁଷ୍କା

ମଥୁରା, ୨।୬: ମାଥେରେ ଚନ୍ଦନର ଟିକା, ଚେହେରାରେ ଅପୂର୍ବ ଶାନ୍ତି ଓ ଆଧ୍ୟାତ୍ମିକତାର ଏକ ଅନନ୍ୟ ଅନୁଭୂତି । ଚଳିତ ଆଇପିଏଲ୍ ୨୦୨୬ ମହାସମରରେ ନିଜ ଦଳ ଆରସିବିକୁ ଚାମ୍ପିଅନ୍ କରାଇବା ପରେ ଏବେ ସମ୍ପୂର୍ଣ୍ଣ ଭକ୍ତି ଭାବରେ ବୁଡ଼ି ରହିଛନ୍ତି ଭାରତୀୟ କ୍ରିକେଟର ରନ୍-ମେସିନ୍ ବିରାଟ କୋହଲି । ମଙ୍ଗଳବାର ବିରାଟ କୋହଲି ନିଜ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ସହ ବୃନ୍ଦାବନ ଗସ୍ତ କରିଛନ୍ତି । ସେଠାରେ ବ୍ରଜର ପ୍ରସିଦ୍ଧ ସନ୍ଥ ଶ୍ରୀ ପ୍ରେମାନନ୍ଦ ମହାରାଜଙ୍କୁ ସାକ୍ଷାତ କରି ଦମ୍ପତି ଆଶୀର୍ବାଦ ଭିକ୍ଷା କରିଛନ୍ତି ।



ବୃନ୍ଦାବନସ୍ଥିତ ଖ୍ୟାତନାମା 'ରାଧା କେଲି କୁଞ୍ଜ ଆଶ୍ରମ'ରେ ପହଞ୍ଚି ବିରାଟ ଓ ଅନୁଷ୍କା ସନ୍ଥ ପ୍ରେମାନନ୍ଦ ମହାରାଜଙ୍କ ଦର୍ଶନ କରିଥିଲେ । ଦୁହେଁ ସେଠାରେ କିଛି ସମୟ ଅତିବାହିତ କରିବା ସହ ମହାରାଜଙ୍କଠାରୁ ଆଧ୍ୟାତ୍ମିକ ମାର୍ଗଦର୍ଶନ ଏବଂ ପ୍ରବଚନ ଶୁଣିଥିଲେ । ବିରାଟଙ୍କ ଭଳି ଜଣେ ବିଶ୍ୱସ୍ତରୀୟ ତାରକାଙ୍କୁ ନିଜ ଗହଣରେ ପାଇ ଆଶ୍ରମ ପରିସରରେ ଥିବା ଅନ୍ୟ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ଏହା ପୂର୍ବରୁ ମଧ୍ୟ ଅନେକ ଖାସ୍ ଅବସରରେ ଏହି ତାରକା ଦମ୍ପତିଙ୍କୁ ବୃନ୍ଦାବନ ଏବଂ ଅନ୍ୟାନ୍ୟ ଧାର୍ମିକ ସ୍ଥଳୀରେ ସନ୍ଥମାନଙ୍କ ଆଶୀର୍ବାଦ ନେଉଥିବାର ଦେଖାଯାଇଛି। ବର୍ତ୍ତମାନ ସୋସିଆଲ ମିଡିଆରେ ତାଙ୍କର ଏହି ଗସ୍ତ ସମୟର ଅନେକ ଫଟୋ ଓ ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି, ଯାହାକୁ କ୍ରିକେଟ୍ ଓ ସିନେ ପ୍ରେମୀମାନେ ଖୁବ୍ ପସନ୍ଦ କରୁଛନ୍ତି ।

ବୃନ୍ଦାବନ ଗସ୍ତ ସମୟରେ ଉଭୟଙ୍କ ପୋଷାକ ଏବଂ ସାଧାରଣ ଚେହେରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଲାଇମଲାଇଟଠାରୁ ଦୂରରେ ରହି ବିରାଟ ଏକ ବ୍ରାଉନ୍ ରଙ୍ଗର ସର୍ଟ କୁର୍ତ୍ତା ଏବଂ ଅଫ୍-ହ୍ୱାଇଟ୍ ପ୍ୟାଣ୍ଟ ପିନ୍ଧିଥିବା ବେଳେ ଅନୁଷ୍କାଙ୍କ ସାଦଗୀ ସମସ୍ତଙ୍କ ମନ ଜିତିଥିଲା । ଅନୁଷ୍କା ଏକ ହାଲୁକା ଗୋଲାପୀ ରଙ୍ଗର ପାରମ୍ପରିକ କୁର୍ତ୍ତା ସହ ଗାଢ଼ ଗୋଲାପୀ ରଙ୍ଗର ଓଢ଼ଣୀ ପକାଇଥିଲେ । ଚେହେରାରେ ଧଳା ମାସ୍କ ଏବଂ କପାଳରେ ସୁନ୍ଦର ଟିକା ତାଙ୍କ ପାରମ୍ପରିକ ଭାରତୀୟ ସ୍ତ୍ରୀର ରୂପକୁ ଆହୁରି ମନୋହର କରୁଥିଲା।

ଏହି ଆଧ୍ୟାତ୍ମିକ ଗସ୍ତର ଠିକ୍ ଦୁଇ ଦିନ ପୂର୍ବରୁ ଅର୍ଥାତ୍ ରବିବାର ଦିନ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯାଇଥିବା ଆଇପିଏଲ୍ ମହାଫାଇନାଲ୍‌ରେ ବିରାଟ କୋହଲି ନିଜ ବ୍ୟାଟିଂର ଯାଦୁ ଦେଖାଇଥିଲେ । ଗୁଜରାଟ ଟାଇଟନ୍ସ ବିପକ୍ଷ ଟାଇଟଲ୍ ମୁକାବିଲାରେ ମାତ୍ର ୪୨ଟି ବଲ୍‌ରୁ ୭୫ ରନ୍‌ର ଏକ ଅପରାଜେୟ ଇନିଂସ ଖେଳି ସେ ଦଳକୁ ବିଜୟୀ କରାଇଥିଲେ । ତାଙ୍କର ଏହି ଦମଦାର ଇନିଂସରେ ୯ଟି ଚୌକା ଓ ୩ଟି ଗଗନଚୁମ୍ବୀ ଛକା ସାମିଲ ଥିଲା । ଏହି ମ୍ୟାଚରେ ସେ ମାତ୍ର ୨୫ଟି ବଲରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ, ଯାହା ଆଇପିଏଲ୍ ଇତିହାସରେ ତାଙ୍କର ସବୁଠାରୁ ଦ୍ରୁତତମ ଅର୍ଦ୍ଧଶତକ ।

ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଟାଇଟନ୍ସ ଆରସିବିର ଧାରୁଆ ବୋଲିଂ ଆଗରେ ଆତ୍ମସମର୍ପଣ କରିଥିଲା । ପାୱାରପ୍ଲେ ମଧ୍ୟରେ ହିଁ ଗୁଜରାଟର ଶୀର୍ଷ ବ୍ୟାଟିଂ କ୍ରମ ଭୁଶୁଡ଼ି ପଡ଼ିଥିଲା । ୱାଶିଂଟନ ସୁନ୍ଦରଙ୍କ ଅପରାଜେୟ ୫୦ ରନ୍ ବଳରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୫୫ ରନ୍ କରିବାକୁ ସକ୍ଷମ ହୋଇଥିଲା । ୧୫୬ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଆରସିବି ପକ୍ଷରୁ ଓପନିଂ କରିବାକୁ ଆସିଥିବା ବିରାଟ କୋହଲି ଏବଂ ଭେଙ୍କଟେଶ ଆୟର ପ୍ରଥମ ଉଇକେଟ ପାଇଁ ୬୨ ରନ୍ ଯୋଡ଼ି ଦଳକୁ ଏକ ଦୃଢ଼ ମୂଳଦୁଆ ଦେଇଥିଲେ । ଆୟର ୩୨ ରନ୍ କରି ଆଉଟ୍ ହୋଇଥିବା ବେଳେ କୋହଲି କିନ୍ତୁ ଶେଷ ପର୍ଯ୍ୟନ୍ତ କ୍ରିଜରେ ଦଣ୍ଡାୟମାନ ରହିଥିଲେ । ଶେଷରେ ୧୮ତମ ଓଭରରେ ଏକ ଆକର୍ଷଣୀୟ ବିଜୟୀ ଛକା ମାରି ବିରାଟ ଦଳକୁ ୧୬୧/୫ ସ୍କୋରରେ ପହଞ୍ଚାଇବା ସହ ଆରସିବିକୁ ଆଇପିଏଲ୍ ଚାମ୍ପିଅନ୍ ଆଖ୍ୟା ଦେଇଥିଲେ । ବିଜୟ ପରେ ମଇଦାନରେ ଉତ୍ସବ ମନାଇବା ପରେ ସିଧା ବୃନ୍ଦାବନ ଆସି ଭଗବାନଙ୍କ ଚରଣରେ ଶରଣ ପଶିବା ବିରାଟଙ୍କ ବ୍ୟକ୍ତିତ୍ୱର ଆଉ ଏକ ସୁନ୍ଦର ଦିଗକୁ ଦର୍ଶାଉଛି ।

# ବିଜ୍ଞାପନ ଦର ବଢ଼ାଇଲେ ବୈଭବ

ମୁମ୍ବାଇ: ଏବର୍ଷର ଆଇପିଏଲ୍‌ରେ ସର୍ବାଧିକ ରନ୍ ସଂଗ୍ରହ କରି 'ନାରଙ୍ଗୀ ଟୋପି' ହାସଲ କରିବା ସହ ଅନ୍ୟାନ୍ୟ ୬ବର୍ଗରେ ବିଭିନ୍ନ ପ୍ରକାର ପୁରସ୍କାର ଜିତିଥିବା ଭାରତୀୟ କ୍ରିକେଟ୍‌ର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ତାଙ୍କ ବିଜ୍ଞାପନ ଓ ବ୍ରାଣ୍ଡ ପ୍ରଚାର ଦରକୁ ଦ୍ୱିଗୁଣିତ କରିଛନ୍ତି। ଆଇପିଏଲ୍ ପୂର୍ବରୁ କଂପ୍ଲାନ ଓ ରେଡ୍ ବୁଲ୍ ଭଳି ବ୍ରାଣ୍ଡର ପ୍ରଚାର ଲାଗି ଏହି ୧୫ବର୍ଷୀୟ ବାଳକ ୧ କୋଟି ଟଙ୍କା ଲେଖାଏଁ ନେଉଥିଲେ। ଏବେ କିନ୍ତୁ ବ୍ରାଣ୍ଡ ପିଛା ପାଖାପାଖି ୨କୋଟି ନେଉଥିବା ଜଣାପଡିଛି।

ବୈଭବଙ୍କ କ୍ୟାରିୟରର ଏହି ବିଭାଗକୁ ତାଙ୍କ ମାତାପିତା ପରିଚାଳନା କରୁଛନ୍ତି। ରାଜସ୍ଥାନ ରୟାଲ୍‌ସ ଅଧିକାରୀମାନେ ମଧ୍ୟ ଏହି କ୍ଷେତ୍ରରେ ତାଙ୍କୁ ସହାୟତା କରୁଛନ୍ତି। ଆଇପିଏଲ୍ ଏବେ କ୍ରିକେଟ୍ ଜଗତର ସବୁଠୁ ଅଧିକ ଚର୍ଚ୍ଚିତ ତଥା ଉଦୀୟମାନ ଖେଳାଳି ହୋଇଥିଲା ବେଳେ ଆଇପିଏଲ୍ ନିଲାମକୁ ଗଲେ ତାଙ୍କୁ ୩୦ କୋଟି ଟଙ୍କାରୁ ଅଧିକ ମିଳିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ତେବେ ଏଥିଲାଗି ତାଙ୍କୁ ଆଉ ଗୋଟିଏ ବର୍ଷ ଅପେକ୍ଷା କରିବାକୁ ହେବ। କାରଣ ରାଜସ୍ଥାନ ରୟାଲ୍‌ସ ସହ ତାଙ୍କର ୨୦୨୭ ଋତୁ ପାଇଁ ମଧ୍ୟ ଚୁକ୍ତି ରହିଛି।

# ଦୋହଲୁଥିବା ମେସିଙ୍କୁ ଷ୍ଟ୍ରେଚରରେ ବୋହି ନେଲେ

କୋଲକାତା,୦୨।୦୬: ଜୁନ୍ ୧୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଫୁଟବଲ ମହାକୁମ୍ଭ 'ଫିଫା ବିଶ୍ୱକପ୍'। ଠିକ୍ ଏତିକିବେଳେ ପଶ୍ଚିମବଙ୍ଗର କୋଲକାତାରେ, କିମ୍ବଦନ୍ତୀ ଫୁଟବଲ୍ ଖେଳାଳି ଲିଓନେଲ୍ ମେସିଙ୍କ ଏକ ବିଶାଳ ପ୍ରତିମୂର୍ତ୍ତିକୁ ଭାଙ୍ଗି ଦିଆଯାଇଛି। କୋଲକାତାର ଲେକ୍ ଟାଉନ୍ ଅଞ୍ଚଳରେ ସ୍ଥାପିତ ଆର୍ଜେଣ୍ଟିନାର କିମ୍ବଦନ୍ତି ଫୁଟବଲ୍ ଖେଳାଳି ଲିଓନେଲ୍ ମେସିଙ୍କ ୭୦ ଫୁଟ ଉଚ୍ଚ ପ୍ରତିମୂର୍ତ୍ତିକୁ ସୁରକ୍ଷା ଦୃଷ୍ଟିରୁ ସୋମବାର ହଟାଇ ଦିଆଯାଇଛି। ନିକଟରେ ହୋଇଥିବା କାଳବୈଶାଖୀରେ ପ୍ରତିମୂର୍ତ୍ତିର ଆଗତ ସନ୍ତୁଳନ ନଷ୍ଟ ହୋଇଯାଇଥିଲା ଅର୍ଥାତ୍ ଷ୍ଟାଚ୍ୟୁର କିଛି ସ୍ଥାନରେ ଭଙ୍ଗାରୁଜା ଦେଖିବାକୁ ମିଳିଥିଲା, ଯାହାକି ଏକ ବଡ଼ ଦୁର୍ଘଟଣାର ଆଶଙ୍କା ସୃଷ୍ଟି କରିଥିଲା।

ଲୋକ ନିର୍ମାଣ ବିଭାଗ ଅର୍ଥାତ୍ ପବ୍ଲିକ୍ ୱାର୍କସ୍ ଡିପାର୍ଟମେଣ୍ଟ (ଚଡଉ) ର ଅଧିକାରୀଙ୍କ ଅନୁଯାୟୀ, କୌଣସି କ୍ଷତି ନହୋଇ ପ୍ରତିମାଟିକୁ ଅତ୍ୟନ୍ତ ସତର୍କତାର ସହିତ ଏହା ସ୍ଥାପିତ ହୋଇଥିବା ସ୍ଥାନରୁ ହଟାଯାଇଥିଲା। ପରବର୍ତ୍ତୀ ସମୟରେ, ଏକ ହାଇଡ୍ରୋଲିକ୍ କ୍ରେନ୍ ସାହାଯ୍ୟରେ, ଏହାକୁ ସୁରକ୍ଷିତ ଭାବରେ ଏକ ଟ୍ରକରେ ଲୋଡ୍ କରାଯାଇ ସ୍ଥାନାନ୍ତର କରାଯାଇଥିଲା।

କିଛି ଦିନ ପୂର୍ବରୁ ଏହି ଭବ୍ୟ ପ୍ରତିମା ସମ୍ପର୍କରେ ଅନେକ ଅଭିଯୋଗ ଆସିଥିଲା। କିଛି ସ୍ଥାନୀୟ ବାସିନ୍ଦାମାନେ ଲେକ୍ ଟାଉନ୍ ପୋଲିସ ଷ୍ଟେସନକୁ ଜଣାଇଥିଲେ ଯେ ପ୍ରବଳ ପବନ ଏବଂ ଝଡ଼ ସମୟରେ ଏହି ବିଶାଳ ଷ୍ଟାଚ୍ୟୁଟି ଅସ୍ୱାଭାବିକ ଭାବରେ ଦୋହଲୁଛି। ଅଭିଯୋଗ ପାଇବା ପରେ, ପୋଲିସ କର୍ମଚାରୀ ଏବଂ ପିଡବ୍ଲୁଡି ଇଞ୍ଜିନିୟରମାନଙ୍କୁ ନେଇ ଗଠିତ ଏକ ଦଳ ଯାଞ୍ଚ କରିବା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ। ତଦନ୍ତ ପରେ, ଠିକାଦାର ସ୍ୱୀକାର କରିଥିଲେ ଯେ ଷ୍ଟାଚ୍ୟୁର ଫାଉଣ୍ଡେସନ ଅର୍ଥାତ୍ ମୂଳଦୁଆରେ କିଛି କ୍ଷତ ତଥା ତ୍ରୁଟି ଦେଖିବାକୁ ମିଳିଥିଲା। ଅଧିକାରୀମାନଙ୍କୁ ସତର୍କ କରାଯାଇଥିଲା ଯେ ଗଠନଟି ବର୍ତ୍ତମାନ ଅତ୍ୟନ୍ତ ବିପଦପୂର୍ଣ୍ଣ ଅବସ୍ଥାରେ ଅଛି ଏବଂ ଯେକୌଣସି ମୁହୂର୍ତ୍ତରେ ଭୁଶୁଡ଼ି ପଡ଼ିପାରେ; ଫଳସ୍ୱରୂପ,



ଏହାକୁ ତୁରନ୍ତ ହଟାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

ବର୍ତ୍ତମାନ, ପବ୍ଲିକ୍ ୱାର୍କସ୍ ଡିପାର୍ଟମେଣ୍ଟ (ଚଡଉ) ର କଡ଼ା ତଦାରଖରେ ପ୍ରତିମୂର୍ତ୍ତିକୁ ସୁରକ୍ଷିତ ରଖାଯାଇଛି। ଏହାକୁ କେବେ ଏବଂ କେଉଁଠାରେ ପୁନଃସ୍ଥାପିତ କରାଯିବ ସେ ବିଷୟରେ ଏପର୍ଯ୍ୟନ୍ତ କୌଣସି ସରକାରୀ କିମ୍ବା ଚୂଡ଼ାନ୍ତ ଘୋଷଣା କରାଯାଇ ନାହିଁ। ତଥାପି, ପ୍ରଶାସନିକ ମହଲରେ ଗୁଜବ ଏବଂ ଆଲୋଚନା ଜୋର ଧରିଛି ଯେ, ରାଜ୍ୟ ସରକାରଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ପରେ, ଏହାକୁ ରବିନ୍ଦ୍ର ସରୋବର କିମ୍ବା ଇକୋ ପାର୍କ ଭଳି ଏକ ସୁରକ୍ଷିତ ଏବଂ ଖୋଲା ସ୍ଥାନରେ ପୁନଃସ୍ଥାପିତ କରାଯାଇପାରେ।

ଗତ ଡିସେମ୍ବରରେ ଲିଓନେଲ ମେସିଙ୍କ କୋଲକାତା ଗସ୍ତ ସମୟରେ ଏହି ୭୦ ଫୁଟ ଉଚ୍ଚ ପ୍ରତିମୂର୍ତ୍ତିକୁ ବଡ଼ ଧୁମଧାମରେ ଉନ୍ମୋଚନ କରାଯାଇଥିଲା। ସମଗ୍ର ପ୍ରକଳ୍ପର ନେତୃତ୍ୱ ନେଇଥିଲେ ସୁଜିତ ବୋଷ, ସେ ଜଣେ ପ୍ରମୁଖ ରାଜ୍ୟ ନେତା ଏବଂ ପୂର୍ବତନ ମନ୍ତ୍ରୀ। ସମ୍ପ୍ରତି ଯେତେବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଋଉ) ସୁଜିତ ବୋଷଙ୍କୁ ପୌର ନିଯୁକ୍ତି ଦୁର୍ନୀତିରେ ଗିରଫ କରିଥିଲା, ସେତେବେଳେ ପ୍ରତିମୂର୍ତ୍ତି ପୁଣି ଥରେ ଆଲୋଚନାର ବିଷୟ ପାଲଟିଥିଲା। ରାଜନୈତିକ ବିବାଦ ଏବଂ ବର୍ତ୍ତମାନ ସାଂରଚନିକ ତ୍ରୁଟି ଦ୍ୱାରା ଜର୍ଜରିତ ଏହି ପ୍ରତିମୂର୍ତ୍ତିଟି ଏବେ ଖବରର ହେଡଲାଇନ୍ସରେ ରହିଛି। କହିରଖୁଛୁ ଯେ, ଲିଓନେଲ ମେସିଙ୍କ ଏହି ପ୍ରତିମୂର୍ତ୍ତି ତିଆରି କରିବା ପାଇଁ ୧୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଫାଇବରଗ୍ଲାସ ଏବଂ ଲୁହା ଫ୍ରେମୱାର୍କରେ ନିର୍ମିତ ଏହି ପ୍ରତିମୂର୍ତ୍ତିରେ ମେସିଙ୍କୁ ୨୦୨୨ ଫିଫା ବିଶ୍ୱକପ୍ ଟ୍ରଫି ଧରିଥିବା ଦେଖିବାକୁ ମିଳିଛି। ଡିସେମ୍ବର ୨୦୨୫ରେ ମେସିଙ୍କ ଭାରତ ଗସ୍ତ ସମୟରେ ଏହାକୁ ଭର୍‌ଚୁଆଲ୍ ଭାବରେ ଉଦଘାଟନ କରାଯାଇଥିଲା। ଏହି ପ୍ରତିମୂର୍ତ୍ତି 'ଶ୍ରୀଭୂମି ସ୍ପର୍ଟିଂ କ୍ଲବ' ଦ୍ୱାରା କାର୍ଯ୍ୟକ୍ଷମ କରାଯାଇଥିଲା।

## ଚେକ୍ ରିପବ୍ଲିକ୍ ଦଳରେ ସ୍ଥାନ ପାଇଲେ ୧୭ ବର୍ଷୀୟ ଖେଳାଳି

ପ୍ରେଗ୍, ୧।୬: ବିଶ୍ୱକପ୍ ପାଇଁ ଚେକ୍ ରିପବ୍ଲିକ୍ ଫୁଟ୍‌ବଲ ଦଳରେ ସ୍ପାର୍ଟା ପ୍ରେଗ୍ ୧୭ ବର୍ଷୀୟ ମିଡ୍‌ଫିଲ୍ଡର ହୁଗୋ ସୋଚୁରେକ୍ ସ୍ଥାନ ପାଇଛନ୍ତି। କୋସୋଭୋ ବିପକ୍ଷ ଏକ ୱାର୍ମଅପ୍ ଗେମ୍‌ରେ ସେ ସର୍ବକନିଷ୍ଠ ଖେଳାଳି ଭାବେ ଜାତୀୟ ଦଳ ପାଇଁ ଖେଳିଥିଲେ। ଚେକ୍‌ରିପବ୍ଲିକର ରବିବାର ଖେଳାଯାଇଥିବା ମ୍ୟାଚ ୨-୧ ଗୋଲରେ ବିଜୟ ଲାଭ କରିଥିଲା। ସୋଚୁରେକ୍ ଏହି ମ୍ୟାଚରେ ଜଣେ ବଦଳ ଖେଳାଳି ଭାବେ ଖେଳିଥିଲେ। ଏହି ମ୍ୟାଚ ପରେ କୋଚ୍ ମିରୋସ୍ଲାମ ଚେକ୍ ରିପବ୍ଲିକ୍‌ର ଚୂଡ଼ାନ୍ତ ୨୬ ଜଣିଆ ଦଳରେ ତାଙ୍କୁ ସାମିଲ କରିଛନ୍ତି।

## ଡେଭିଡ୍ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ

ଅହମଦାବାଦ: ଆଇପିଏଲ୍ ଫାଇନାଲ୍ ବେଳେ ଅମ୍ପାୟାର ନୀତିନ ମେନନଙ୍କ ଆଡକୁ ବରଫ ବ୍ୟାଗ୍ ଫିଙ୍ଗି ଆର୍‌ସିବି ବ୍ୟାଟର୍ ଟିମ୍ ଡେଭିଡ୍ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ ହୋଇଛନ୍ତି। ତାଙ୍କ ମ୍ୟାଚ୍ ଫି'ର ୫୦ ପ୍ରତିଶତ ମଧ୍ୟ କଟିଛି। ସେହିଭଳି ଏହି ଅଷ୍ଟ୍ରେଲୀୟ କ୍ରିକେଟରଙ୍କୁ ଆଇପିଏଲ୍ ଆଚରଣ ସଂହିତା ଉଲ୍ଲଙ୍ଘନ କରିଥିବାରୁ ଦୁଇଟି ଡିମେରିଟ୍ ପଏଣ୍ଟ ବି ମିଳିଛି। ଏହି କାରଣରୁ ସେ ମଧ୍ୟ ଆସନ୍ତାବର୍ଷ ଆର୍‌ସିବିର ପ୍ରଥମ ମ୍ୟାଚ୍ ଖେଳିପାରିବେନି। ଏହି ଦୁର୍ଭାଗ୍ୟଜନକ ଘଟଣା ଉପବିଜେତା ଗୁଜରାଟ ଟାଇଟନ୍ସ ପାଳିର ଦଶମ ଓଭରରେ ଘଟିଥିଲା।

# ବାହୁତୁଲେ ଭାରତର ସ୍ପିନ୍ ବୋଲିଂ ପ୍ରଶିକ୍ଷକ

ମୁମ୍ବାଇ: ପୂର୍ବତନ ଲେଗ୍ ସ୍ପିନର୍ ସାଇରାଜ ବାହୁତୁଲେ ଭାରତୀୟ କ୍ରିକେଟ୍ ଦଳର ନୂଆ ସ୍ପିନ୍ ବୋଲିଂ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ୍ ଶୃଙ୍ଖଳାରୁ ସେ ନିଜ କାର୍ଯ୍ୟ ଆରମ୍ଭ କରିବେ। ମୁଖ୍ୟ ପ୍ରଶିକ୍ଷକ ଗେତମ ଗମ୍ଭୀରଙ୍କ ଅଧୀନରେ କାମ କରିବେ ସେ। ୫୩ ବର୍ଷୀୟ ବାହୁତୁଲେ ସମସ୍ତ ତିନିଟି ଯାକ ଫର୍ମାଟ୍‌ରେ ଭାରତୀୟ ସ୍ପିନର୍‌ଙ୍କ ଅଗ୍ରଗତି ତଥା ଦକ୍ଷତା ବୃଦ୍ଧି ନେଇ ମାର୍ଗଦର୍ଶନ କରିବେ। ଏବର୍ଷର ଆଇପିଏଲ୍‌ରେ ସେ ପଞ୍ଜାବ କିଙ୍ଗ୍ସର ସ୍ପିନ୍ ବୋଲିଂ ପ୍ରଶିକ୍ଷକ ଥିଲେ। ତାଙ୍କର ମଧ୍ୟ ବେଙ୍ଗଲ ଓ କେରଳମ୍ ରଣଜୀ ଦଳ ସହ କାମ କରିବାର ଅଭିଜ୍ଞତା ରହିଛି। ଖେଳାଳିଭାବେ ବାହୁତୁଲେ ୧୯୯୭ରୁ ୨୦୦୩ ମସିହା ପର୍ଯ୍ୟନ୍ତ ୬ବର୍ଷ ଧରି ଭାରତୀୟ ଦଳର ପ୍ରତିନିଧିତ୍ୱ କରିଥିଲେ। ବାହୁତୁଲେ ଆସିବା ପରେ ଗମ୍ଭୀର, ସିତାଂଶୁ କୋଟାକ (ବ୍ୟାଟିଂ ପ୍ରଶିକ୍ଷକ), ମର୍ଣ୍ଣ ମର୍କେଲ (ବୋଲିଂ ପ୍ରଶିକ୍ଷକ), ଟି ଦିଲୀପ (ଫିଲ୍ଡିଂ ପ୍ରଶିକ୍ଷକ) ଓ ରିୟାନ ଟେନ୍ ଡସେଟ୍ (ସହାକାରୀ ପ୍ରଶିକ୍ଷକ)ଙ୍କୁ ନେଇ ଗଠିତ ଭାରତୀୟ ବରିଷ୍ଠ କ୍ରିକେଟ୍ ଦଳର ପ୍ରଶିକ୍ଷକ ମଣ୍ଡଳି ଆହୁରି ପରବର୍ଦ୍ଧିତ ହୋଇଛି। ସୂଚନାଯୋଗ୍ୟ ଯେ ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ୍‌ରୁ ଭାରତୀୟ କ୍ରିକେଟ୍ ଦଳର ଚଳିତବର୍ଷ ଟା'ର ଲାଲ୍ ବଲ୍ ଅଭିଯାନ ଆରମ୍ଭ କରିବ। ଭାରତୀୟ ଦଳ ଆଫଗାନିସ୍ତାନ ବିପକ୍ଷରେ ଗୋଟିଏ ଟେଷ୍ଟ୍ ସହ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଖେଳିବ। ଶୁବମନ ଗିଲ୍ ଉଭୟ ଫର୍ମାଟ୍‌ରେ ଭାରତୀୟ ଦଳର ନେତୃତ୍ୱ ନେବେ। ଟେଷ୍ଟ୍‌ରେ କେଏଲ୍ ରାହୁଲ ଉପଅଧିନାୟକ ଏବଂ ଦିନିକିଆରେ ଶ୍ରେୟସ୍ ଆୟର ଉପଅଧିନାୟକ ଦାୟିତ୍ୱ ତୁଲାଇବେ। ଭାରତ-ଆଫଗାନିସ୍ତାନ ଦିନିକିଆ ଶୃଙ୍ଖଳା ଆସନ୍ତା ୧୪ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏକମାତ୍ର ଟେଷ୍ଟ୍ ୬ ତାରିଖରୁ ଆରମ୍ଭ ହେବ।

ଭାରତୀୟ ଟେଷ୍ଟ୍ ଦଳ: ଶୁବମନ ଗିଲ୍ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, କେଏଲ୍ ରାହୁଲ (ଉପଅଧିନାୟକ), ଋଷଭ ପନ୍ତ, ସାଇ ସୁଦର୍ଶନ, ଦେବଦତ୍ତ ପଡିକଲ, ଧ୍ରୁବ ଜୁରେଲ, ୱାସିଂଟନ୍ ସୁନ୍ଦର, ମହମ୍ମଦ ସିରାଜ, କୁଲଦୀପ ଯାଦବ, ପ୍ରସିଦ୍ଧ କ୍ରିଷ୍ଣା, ମାନବ ସୁତାର, ହର୍ଷ ଦୁବେ ଓ ଗୁରନୁର ବ୍ରାର୍। ଭାରତୀୟ ଦିନିକିଆ ଦଳ: ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ୍ ଆୟର (ଉପଅଧିନାୟକ), କେଏଲ୍ ରାହୁଲ, ଈଶାନ କିଶନ, ହାର୍ଦ୍ଦିକ ପାଣ୍ଡ୍ୟା, ନୀତୀଶ କୁମାର ରେଡ୍ଡୀ, ୱାସିଂଟନ୍ ସୁନ୍ଦର, କୁଲଦୀପ ଯାଦବ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ପ୍ରିନ୍ସ ଯାଦବ, ଗୁରନୁର୍ ବ୍ରାର୍, ହର୍ଷ ଦୁବେ।

# ରେକର୍ଡ ବୟ ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ,୨।୬: ୨୦୨୬ ଆଇପିଏଲ ସରିଛି। କିନ୍ତୁ ଦଳର ୧୫ ବର୍ଷୀୟ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ଗୁଜରାଟ ଟାଇଟନ୍ସ ଠାରୁ ରାଜସ୍ଥାନ ରୟାଲ୍ସ ୭ ୱିକେଟରେ ହାରି ସିଜିନରୁ ବିଦାୟ ନେଇଥିଲା। ଏହି ମ୍ୟାଚ୍‌ରେ ସୂର୍ଯ୍ୟବଂଶୀ ଶତକ ଠାରୁ ୪ ରନ ପଛରେ ରହି ଯାଇଥିଲେ ହେଁ ଏକାଧିକ ରେଡର୍କର ଅଧିକାରୀ ହୋଇ ପାରିଛନ୍ତି। ନ୍ୟୁ ଚଣ୍ଡିଗଡର ମୁଲ୍ଲାନପୁରରେ ବୈଭବଙ୍କ ଆରମ୍ଭ ସାମନ୍ୟ ଧିମା ରହିଥିଲା। ହେଲେ ସେ ୪୭ ବଲରେ ଖେଳିଛନ୍ତି ୯୬ ରନର ଇନିଂସ। ଏହି ଇନିଂସ ପରେ ବୈଭବ ଆଇପିଏଲ ଇତିହାସରେ ୧୦୦୦ ରନ ପୂରଣ କରିବାରେ ସବୁଠାରୁ ଦ୍ରୁତତମ ବ୍ୟାଟର ବନି ଯାଇଛନ୍ତି। ସେହିପରି ସେ ଟି-୨୦ ଇତିହାସର ପ୍ରଥମ ଖେଳାଳି ଭାବେ କୌଣସି ଗୋଟିଏ ଟୁର୍ଣ୍ଣାମେଣ୍ଟର ପାୱାର ପ୍ଲେରେ ୫୦୦ ରନ ମଧ୍ୟ ହାସଲ କରିଛନ୍ତି। ଦୁଇ ଦିନ ତଳେ ସୂର୍ଯ୍ୟବଂଶୀ ସନ ରାଇଜର୍ସ ବିପକ୍ଷ ଏଲିମିନେଟରରେ ମାତ୍ର ୨୯ ବଲରେ କରିଥିଲେ ୯୭ ରନ। ଏହି ଇନିଂସରେ ସେ ୧୨ଟି ଛକା ମାରିଥିଲେ। ଉକ୍ତ ମ୍ୟାଚ୍‌ରେ ସେ କ୍ରିସ ଗେଲ୍‌ଙ୍କ ଛକା ମାରିବା ରେକର୍ଡକୁ ଅତିକ୍ରମ କରିଥିଲେ। ଶୁକ୍ରବାର ଗୁଜରାଟ ବିପକ୍ଷ ମ୍ୟାଚ୍‌ରେ ସେ ୯୬ ରନର ଇନିଂସ ଖେଳି ଆହୁରି ଅନେକ ରେକର୍ଡର ଅଧିକାରୀ ହୋଇଛନ୍ତି।



୧- ବୈଭବ ଏବେ ଆଇପିଏଲ ଇତିହାସରେ ୧୦୦୦ ରନ ପୂରଣ କରିବାରେ ଦ୍ରୁତତମ ବ୍ୟାଟର ବନି ଯାଇଛନ୍ତି। ମାତ୍ର ୪୪୦ ବଲରେ ସେ ଏହି କୀର୍ତ୍ତିମାନ ହାସଲ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ଆନ୍ଦ୍ରେ ରସେଲଙ୍କ ନାଁରେ ଥିଲା। ସେ ୫୪୫ ବଲରେ ୧ ହଜାର ରନ କରିଥିଲେ। ୨- ବୈଭବ ମାତ୍ର ୨୩ଟି ଇନିଂସରେ ୧୦୦୦ ରନ ପୂରଣ କରିଛନ୍ତି। ତାଙ୍କ ଉପରେ କେବଳ ଶନ ମାର୍ଶ(୨୧ ଇନିଂସ) ରହିଛନ୍ତି।

୩- ଆଇପିଏଲ କ୍ୟାରିୟରରେ ବୈଭବ ତୃତୀୟ ଥର ପାଇଁ ୯୦ ରନ ପରେ ଆଉଟ ହୋଇଛନ୍ତି। ପୂର୍ବରୁ କେଏଲ ରାହୁଲ, ଡାଭିଡ ୱାର୍ଣ୍ଣର, ଋତୁରାଜ ଗାଏକ୍ୱାଡ ଓ ଗ୍ଲେନ ମ୍ୟାକ୍ସୱେଲ ମଧ୍ୟ ୩ ଥର ଲେଖାଏ ଆଉଟ ହୋଇଥିଲେ।

୪- ବୈଭବ ସୂର୍ଯ୍ୟବଂଶୀ ନିଜ ଆଇପିଏଲ କ୍ୟାରିୟରର ସବୁଠାରୁ ଧିମା ଅର୍ଦ୍ଧଶତକ ଗୁଜରାଟ ବିପକ୍ଷରେ ହାସଲ କରିଛନ୍ତି। ୫୦ ରନ କରିବାକୁ ତାଙ୍କୁ ୩୧ ବଲର ସାମ୍ନା କରିବାକୁ ପଡିଥିଲା।

୫- ଗୋଟିଏ ଆଇପିଏଲ ଇନିଂସରେ ସର୍ବାଧିକ ବଲ ଗୁଜରାଟ ବିପକ୍ଷରେ ଖେଳିଛନ୍ତି ସୂର୍ଯ୍ୟବଂଶୀ। ସେ ଶୁକ୍ରବାର ୪୭ଟି ବଲ ସାମ୍ନା କରିଥିଲେ। ପୂର୍ବରୁ ସେ ଆଇପିଏଲ ଇନିଂସରେ ସର୍ବାଧିକ ୩୮ଟି ବଲ ସାମ୍ନା କରି ୯୩ ରନ କରିଥିଲେ।୬- ପ୍ରଥମଥର ପାଇଁ ସୂର୍ଯ୍ୟବଂଶୀ ୧୮ ଓଭର ଯାଏ ବ୍ୟାଟିଂ କରିବାର ସଫଳତା ପାଇଛନ୍ତି। ପୂର୍ବରୁ ସେ କେବେ ହେଲେ ହିଁ କୌଣସି ଇନିଂସରେ ବ୍ୟାଟିଂ କରିଥିବା ଦେଖିବାକୁ ମିଳି ନଥିଲା।

୭- ଟି-୨୦ ଇତିହାସରେ ବୈଭବ ପ୍ରଥମ ବ୍ୟାଟର ଭାବେ ଗୋଟିଏ ଟୁର୍ଣ୍ଣାମେଣ୍ଟର ପାୱାର ପ୍ଲେରେ ୫୦୦ ରନ କରିଛନ୍ତି।

୮- ବୈଭବ ଚଳିତ ଆଇପିଏଲରେ ୭୭୬ ରନ ସହ ନିଜ ଅଭିଯାନ ଶେଷ କରିଛନ୍ତି। ଏହା ତାଙ୍କ ଆଇପିଏଲ କ୍ୟାରିୟରର ସର୍ବଶ୍ରେଷ୍ଠ ପ୍ରଦର୍ଶନ।

୯- ପ୍ରଥମଥର ପାଇଁ ସୂର୍ଯ୍ୟବଂଶୀ ନିଜର ୧୩ତମ ବଲରେ ଛକା ମାରିଛନ୍ତି। ପୂର୍ବରୁ ସେ କେବେ ବି ଛକା ମାରିବାକୁ ଏତେ ବଲ ନେଇ ନଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ